ସମ୍ପୂର୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

୨୬ ବର୍ଷରେ

Vol.26 . No.135 Bhubaneswar Tuesday July 02 2024 | ୨୬ତମ ବର୍ଷ ସଂଖ୍ୟା–୧୩୫ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୦୨, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଶ୍ରଦ୍ଧା-ପାଣ୍ଡିଆନ-ବବିଙ୍କ ଚ଼ାପରେ ନବୀନ: ପୁରୁଖାଙ୍କୁ କୋଣଠେସା, ପୁଣି ସକ୍ରିୟ ହେଲେ ପାଣ୍ଡିଆନ

ଭୁବନେଶ୍ୱର, ୧ ।୭(ପି.ଏନ): ରାଜ୍ୟରେ ବିଜେଡିର ୨୪ବର୍ଷର ଶାସନର ଅନ୍ତ ଘଟିଛି । ଦଳର ଏତେ ବଡ ନିର୍ବାଚ଼ନୀ ବିପର୍ଯ୍ୟୟ କାହିଁକି ହେଲା, ମାସେ ଛୁଇଁଲାଣି, ତା'ର ସମୀକ୍ଷା ତ ଦୂରର କଥା ଫାକ୍ଟ ଫାଇଣ୍ଡିଂ ଟିମ୍ ମଧ୍ୟ ଗଠନ କଲାନି ବିଜେଡି । ଏପଟେ ସକ୍ରିୟ ରାଜନୀତିରୁ ସନ୍ୟାସ ଘୋଷଣା କରିଥିବା ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନ ପୁଣିଥରେ ସକ୍ରିୟ ହୋଇ ନିଜର ପୁରୁଣା ଟିମ୍ ମାଧ୍ୟମରେ ସଂଗଠନକୁ ନିଜ ମର୍ଜିରେ ପରିଚ଼ାଳନା କରୁଥିବା ଜଣାପଡିଛି । ଏପରିକି ପରସ୍ପରର ଦୋଷତ୍ରୁଟି ଓ ପାପ ଲୁଚ଼ାଇବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ମୋହରା କରି ବିଜେଡିର ସେହି ପୁରୁଣା ଟିମ୍ ଏବେ ଦଳର ଭାଗ୍ୟବିଧାତା ସାଜିଥିବାର ସୂଚ଼ନା ମିଳିଛି । ଆଉ ଏସବୁ କାରଣ ପାଇଁ ବିଜେଡିରେ ଦଳୀୟ ନେତା-କର୍ମୀ ହତୋତ୍ସାହିତ ହେବା ସହ ଭାଗଭାଗ ହୋଇଯିବାର ଆଶଙ୍କା ଦେଖାଦେଇଛି ।



ସୂଚ଼ନା ଅନୁସାରେ, ବିଜେଡିର ବିପର୍ଯ୍ୟୟ ପାଇଁ ଯେଉଁମାନଙ୍କୁ ସାଧାରଣରେ ଦାୟୀ କରାଯାଉଛି ସେମାନେ ଏବେ ପୁଣିଥରେ ଦଳରେ ସକ୍ରିୟ ଭୂମିକା ତୁଲାଇବା ଆରମ୍ଭ କରିଛନ୍ତି । ବିଜେଡିର ଏହି ପାଓ୍ୱାରଫୁଲ୍ ଟିମ୍ ପରସ୍ପରର ଦୋଷତ୍ରୁଟି ଓ ଦୁର୍ବଳତାକୁ ଲୁଚ଼ାଇବା ଏବଂ ପରିସ୍ଥିତିକୁ ଆକଳନ କରି ଦଳୀୟ ସଂଗଠନରେ ଅନ୍ୟ କୌଣସି ନେତାଙ୍କୁ ଆଗକୁ ଆଣିବାକୁ ଚ଼ାହୁଁନଥିବା ଜଣାପଡିଛି । ନବୀନଙ୍କ ସରଳତାର ସୁଯୋଗ ନେଇ ତାଙ୍କ ଉପରେ ଚ଼ାପ ସୃଷ୍ଟି କରି ବିଜେଡିର ଏହି ଟିମ୍ ଏବେ ଦଳୀୟ ସଂଗଠନରେ ପୁଣିଥରେ ନିଜର କର୍ତ୍ତୃତ୍ୱ ଜାହିର କରିଥିବାର ସୂଚ଼ନା ମିଳିଛି । ବିଜେଡିର ବହୁ ପୁରୁଖା ନେତାମାନେ ବାରମ୍ବାର ନବୀନ ନିବାସ ଯାଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ଦଳର ବିପର୍ଯ୍ୟୟ ପାଇଁ ଦାୟୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଅଭିଜ୍ଞ ନେତାମାନଙ୍କ ମାଧ୍ୟମରେ ସଂଗଠନକୁ କ୍ରିୟାଶୀଳ କରାଇବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ତାହା ବିଶେଷ ଫଳପ୍ରଦ ହୋଇପାରୁନି । ନବୀନଙ୍କ ନିରବତା ହିଁ ତାଙ୍କର ଅସହାୟତାକୁ ପଦାରେ ପକାଇ ଦେଇଛି । ଦଳର ପରାଜୟର ସମୀକ୍ଷା ପାଇଁ ଫାକ୍ଟ ଫାଇଣ୍ଡିଂ ଟିମ୍ ଗ ?ହେଲେ ପାଣ୍ଡିଆନ ଓ ବବିଙ୍କ ଅସଲ ଚେହେରା ପଦାରେ ପଡିଯିବାର ଆଶଙ୍କା ଥିବାରୁ ନବୀନଙ୍କ ଉପରେ ଚ଼ାପ ପକାଇ ସେମାନେ ଏହି କମିଟି ଗଠନ କରାଇ ଦେଉନଥିବା ଜଣାପଡିଛି ।



ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସଙ୍କୁ ନୂତନ ମୁଖ୍ୟଶାସନ ସଚ଼ିବ ଶ୍ରୀ ମନୋଜ ଆହୁଜା ଆଜି ସନ୍ଧ୍ୟାରେ ସୌଜନ୍ୟମୂଳକ ସାକ୍ଷାତ ଆଲୋଚ଼ନା କରିଛନ୍ତି

## ଫାର୍ମ-ବି ର ନୂଆ ଉତ୍ପାଦ "ମିକ୍ସ ଛତୁଆ"ର ବଜାର ପ୍ରବେଶ, ପୋଷକତତ୍ୱରେ ଭରପୁର

ଭୁବନେଶ୍ୱର, ୧ ।୭(ପି.ଏନ): ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ଓଡିଶାର ଅଗ୍ରଣୀ ଖାଦ୍ୟ ଉତ୍ପାଦନକାରୀ ଉଦ୍ୟୋଗ ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ୍. ଲିମିଟେଡ୍ ଆନୁକୁଲ୍ୟରେ ତଥାଫାର୍ମ-ବି ଦ୍ୱରା ପ୍ରସ୍ତୁତ ଏକ ନୂଆ ଉତ୍ପାଦ ମିକ୍ସ ଛତୁଆର ବଜାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ବିଶିଷ୍ଟ ମହିଳା ଉଦ୍ୟୋଗୀ ତଥା ଫାର୍ମ-ବିର ପ୍ରତିଷ୍ଠାତ୍ରୀ ଓ ପରିଚ଼ାଳନା ନିର୍ଦ୍ଦେଶିକା ଶ୍ରୀମତୀ ରଶ୍ମୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବଜାର ପ୍ରବେଶ ଉତ୍ସବରେ ପ୍ରତିଷ୍ଠାନର ଆକାଉଣ୍ଟସ ଏବଂ ଫାଇନାନ୍ସ ବିଭାଗର ବରିଷ୍ଠ ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ରଙ୍କ ଉତ୍ପାଦନ ବିଭାଗର ବରିଷ୍ଠ ପ୍ରବନ୍ଧିକା ଶିଲ୍ପାଦାସ ଏବଂ ନିର୍ଦ୍ଦେଶିକାଙ୍କ ବ୍ୟକ୍ତିଗତ ସଚ଼ିବ ଆଦ୍ୟାଶା ପଟ୍ଟନାୟକ ଉପସ୍ଥିତ ରହି ଏହି ନୂତନ ଉତ୍ପାଦ ସମ୍ବନ୍ଧରେ ସର୍ବିଶେଷ ବିବରଣୀ ପ୍ରଦାନ କରିଥିଲେ । ବର୍ତ୍ତମାନ ସମୟର ସବୁଠାରୁ ଅଧିକ ଗ୍ରହଣୀୟ ଉତ୍ପାଦ ମିକ୍ସ ଛତୁଆ ଯାହାକି ଯୁବଗୋଷ୍ଠୀ ମାନଙ୍କର ପ୍ରଥମ ପସନ୍ଦ ଯୋଗ୍ୟ ଖାଦ୍ୟ ।ଏହା ସକାଳ ଖାଦ୍ୟର ଚ଼ାହିଦାକୁ ପୂରଣ କରିବା ସହ ଉଚ୍ଚ ପୁଷ୍ଟିକର ପଦାର୍ଥ ଅଟେ । ଏଥିରେ ପ୍ରୋଟିନ୍, ଫାଇବର, କ୍ୟାଲ୍‌ସିୟମ, ଆଇରନ୍, ମାଙ୍ଗାନିଜ ଏବଂ ମ୍ୟାଗ୍ନେସିୟମ ସହିତ ଭରପୁର ଶକ୍ତି ରହିଥାଏ । ସେଥିପାଇଁ ଫାର୍ମ-ବି ମିକ୍ସ ଛତୁଆର ଟ୍ୟାଗ୍ ରହିଛି "ଆପଣଙ୍କ ଖାଦ୍ୟ କୁକରେ ପୂର୍ଣ୍ଣ ସୁସ୍ଥତା ସହ ସ୍ୱାଦରେ ପରିପୂର୍ଣ୍ଣ" ।ଏହା ଯେ କେବଳ ସକାଳର ଖାଦ୍ୟ ପୁରାକରେ ତାହା ନୁହେଁ ବରଂ ଦିନ ସାରାର ଶରୀର ପାଇଁ ଆବଶ୍ୟକ ପୋଷକତତ୍ୱକୁ ମଧ୍ୟ ପୁରାକରେ,ତତ୍ ସହିତ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ଏବଂ ଅତ୍ୟଧିକ ଗରମକୁ ରୋକିବାରେ ମଧ୍ୟ ସାହାଯ୍ୟ କରେ ।ଅତିରିକ୍ତ ଭାବରେ ଏହି ଉତ୍ପାଦ ଶକ୍ତି ବୃଦ୍ଧି,ହଜମ ଓ ପାଚ଼ନ କରିବାରେ ସାହାଯ୍ୟ କରିବା ସହିତ ଓଜନକୁ ନିୟନ୍ତ୍ରଣ କରିବା,କେଶ ଓ ଚ଼ର୍ମକୁ ସୁସ୍ଥ ରଖିବା, ଶରୀର ଗ୍ଲୁକୋଜର ସଠିକ୍ ପରିମାଣକୁ ବଜାୟ ରଖିବା,କୋଲେଷ୍ଟ୍ରଲ କମ୍ କରିବା ଏବଂଶରୀରରେ ପୁଷ୍ଟିକର ଉପାଦାନକୁ ବୃଦ୍ଧି କରିବାରେ ସହଯୋଗ କରିଥାଏ ।

## ବାଟ ବଣା କରିଦେଲା ଗୁଗୁଲ୍ ମ୍ୟାପ୍ ! ରାତି ୧୨ଟାରେ ଜଙ୍ଗଲରୁ ୫ ସାଙ୍ଗ ଉଦ୍ଧାର

ଭୁବନେଶ୍ୱର, ୧ ।୭(ପି.ଏନ): ସପ୍ତଶଯ୍ୟାରେ ବାଟବଣା କରିଦେଲା ଗୁଗୁଲ୍ ମ୍ୟାପ୍। ଯେଉଁଥିପାଇଁ ଘଞ୍ଚ ଜଙ୍ଗଲରେ ଘୂରି ବୁଲିଲେ ୫ ସାଙ୍ଗ। ସକାଳ ଯାଇ ଦିନ ଗଲା। ତା'ପରେ ରାତି ଆସିଲା। ହେଲେ ଫେରିବାର ରାସ୍ତା ପାଇଲେ ନାହିଁ। ଶେଷରେ ଢେଙ୍କାନାଳ ପୁଲିସ୍ ?ର ସହାୟତା ମାଗିଲେ। ବନ ବିଭାଗ ସହାୟତାରେ ପୁଲିସ୍ ରାତି ୧୨ଟାରେ ୫ ସାଙ୍ଗଙ୍କୁ ଘଞ୍ଚ ଜଙ୍ଗଲରୁ ସୁରକ୍ଷିତ ଉଦ୍ଧାର କରିଛି। ଜଙ୍ଗଲରେ ସିନା ୫ ସାଙ୍ଗଙ୍କ ଜୀବନ ବଞ୍ଚି ଯାଇଛି, ହେଲେ ଗୁଗୁଲ ମ୍ୟାପ୍‌କୁ ନେଇ ଅନେକ ପ୍ରଶ୍ନବାଚ଼ୀ ସୃଷ୍ଟି ହୋଇଛି ।କଟକର ଏକ ଘରୋଇ ଆଇଟିଆଇ କଲେଜରେ ପଢୁଥିବା ସୁଜିତ ସାହୁ, ସୂର୍ଯ୍ୟ ପ୍ରକାଶ



ମହାନ୍ତି, ଶୁଭନ ମହାପାତ୍ର, ହିମାଂଶୁ ଦାଶ ଓ ଅରକ୍ଷିତ ମହାପାତ୍ର ରବିବାର ସକାଳେ ସପ୍ତଶଯ୍ୟା ପୀଠକୁ ବୁଲିବା ପାଇଁ ଯାଇଥିଲେ। ଦିନ ପ୍ରାୟ ୧୧ଟା ବେଳେ ବାଇକ୍ ରଖି ସମସ୍ତେ ସିଡି ଚ଼ଢ଼ି ପ୍ରଥମେ ରାମ ମନ୍ଦିର ଦର୍ଶନ କରିଥିଲେ। ତା'ପରେ ସେଠୁ ପାହାଡ ଶୀର୍ଷରେ ଥିବା ବିଷ୍ଣୁ ବାବାଙ୍କ ମଠରେ ଶିବ ଲିଙ୍ଗ ଦର୍ଶନ ପାଇଁ ମନ ବଳାଇଥିଲେ। ସେଠିକୁ ଯାଇ ଦର୍ଶନ ସାରି ଫେରିବା ବେଳେ ହଠାତ୍ ବାଟବଣା ହୋଇଗଲେ।

## ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ; ସମାଧାନ ପାଇଁ ଲୋକଙ୍କୁ ଦେଲେ ପ୍ରତିଶ୍ରୁତି

ଭୁବନେଶ୍ୱର, ୧ ।୭(ପି.ଏନ): ଦୀର୍ଘ ୧୬ ବର୍ଷ ପରେ ଚ଼ଳଚ଼ଞ୍ଚଳ ହୋଇଛି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ। ପ୍ରଥମ ଥର ପାଇଁ ପ୍ରକୋଷ୍ଠରେ ବସି ଲୋକଙ୍କ ଅଭିଯୋଗ ଶୁଣିଲେ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ। ଜଣ ଜଣ କରି ସେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଆଉ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଆଜି ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ୧୫୫୦ ଲୋକଙ୍କ ଅଭିଯୋଗ ଶୁଣିଥିବା ଜଣାପଡିଛି। ସେପଟେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପ୍ରତିଶ୍ରୁତି ପାଇବା ପରେ ଉତ୍ସାହିତ ହୋଇଛନ୍ତି ଅଭିଯୋଗକାରୀ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ




ଗୁହାରୀ କରିବାକୁ ଆସିଥିଲେ ଦିବ୍ୟାଙ୍ଗ କଷ୍ଟହରି ଜେନା। ତାଙ୍କର ଘର ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ। ନାଁରେ ଯେମିତି 'କଷ୍ଟ' ରହିଛି। ତାଙ୍କ ଜୀବନରେ ମଧ୍ୟ ସେତିକି କଷ୍ଟ। ସେ ଜନ୍ମରୁ ଦିବ୍ୟାଙ୍ଗ। ହେଲେ ଏ ଯାଏଁ ଖଣ୍ଡେ ଗାଡି ପାଇ ନାହାନ୍ତି। କିଛି ଦିନ ତଳେ ବାପା ଚ଼ାଲିଗଲେ। ରହିବାକୁ ଘର ଖଣ୍ଡେ ବି ନାହିଁ। ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ କଷ୍ଟହରି। ହେଲେ ସାନ୍ତ୍ୱନାମୂଳକ ଭାବେ ତାଙ୍କୁ କେବଳ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ସେହି ଅର୍ଥ ବାଟମାରଣା ହୋଇଗଲା। ହେଲେ ଆଜି ସେ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ କଥା ହୋଇ ବେଶ ଖୁସି ଅଛନ୍ତି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିବ ସିଟିସ୍କାନର ସୁବିଧା; ଡାଇଲିସିସ୍ ଓ ଏମଆରଆଇର ହେବ ପରୀକ୍ଷଣ

ଭୁବନେଶ୍ୱର, ୧ ।୭(ପି.ଏନ): ଏଣିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିବ ସିଟିସ୍କାନର ସୁବିଧା । କେବଳ ସିଟିସ୍କାନ ନୁହେଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ହେବ ଗଜଓ ଓ ଡାଇଲିସିସ୍ ପରୀକ୍ଷଣ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବି ମିଳିବ ଏହି ସମସ୍ତ ସୁବିଧା । ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ସୁବିଧା ଉପଲବ୍ଧ ହେବ । ଉଭୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବି ମିଳିବ ଏହି ସମସ୍ତ ସୁବିଧା । ସରକାରୀ ଓ ବେସରକାରୀ ସହଭାଗିତାରେ ମିଳିବ ସମସ୍ତ ସୁବିଧା ।



ଅବ୍ୟବହିତ ପୂର୍ବରୁ ରାଜ୍ୟ ଅତିଥିଭବନ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ଼ରଣ ମାଝୀ ଏବଂ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନଙ୍କ ମଧ୍ୟରେ ଆଲୋଚ଼ନା

## ରାହୁଲଙ୍କ ଅଗ୍ନିବୀର ବୟାନକୁ କାଉଣ୍ଟର କଲା କେନ୍ଦ୍ର

ଭୁବନେଶ୍ୱର, ୧ ।୭(ପି.ଏନ): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସଂସଦରେ ଅଗ୍ନିବୀର ଯୋଜନାକୁ ନେଇ ଦେଇଥିବା ବୟାନ ବିବାଦ ସୃଷ୍ଟି କରିଛି। ରାହୁଲଙ୍କ ବୟାନକୁ କାଉଣ୍ଟର କରିଛନ୍ତି କେନ୍ଦ୍ର ସରକାର। କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଦାୟିତ୍ୱହୀନ ଓ ମିଥ୍ୟା ତଥ୍ୟ ଦେଇଥିବା କେନ୍ଦ୍ର ସରକାର କହିଛନ୍ତି ।ଗୋଟିଏ ସାମ୍ବାଦିକ ସମ୍ମିଳନରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, "ବିରୋଧୀ ଦଳ ନେତା ପଦ ଗୋଟିଏ ଦାୟିତ୍ୱପୂର୍ଣ୍ଣ ପଦବୀ। ରାହୁଲ ଗାନ୍ଧି ପ୍ରଥମଥର ପାଇଁ ଏହାର ଦାୟିତ୍ୱ ନେଇଛନ୍ତି। କିନ୍ତୁ ସେ ଆଜି ଦାୟିତ୍ୱହୀନ ବୟାନ ଦେଇଛନ୍ତି। ଅଗ୍ନିବୀର ଯୋଜନାକୁ ନେଇ ରାହୁଲ ଗାନ୍ଧି ମିଛ କହୁଛନ୍ତି।''



## ରଥଯାତ୍ରାରେ ଭିଆଇପିଙ୍କ ଶ୍ରୀମନ୍ଦିର ପ୍ରବେଶ ଉପରେ ଲାଗିଲା ରୋକ୍, ଶୃଙ୍ଖଳିତ ବ୍ୟବସ୍ଥା ନେଇ ପ୍ରସ୍ତୁତି କଡାକଡି

ପୁରୀ, ୧ ।୭(ପି.ଏନ): ପାଖେଇ ଆସୁଛି ଭକ୍ତ ଓ ଭଗବାନଙ୍କ ମିଳନର ପର୍ବ ରଥଯାତ୍ରା । ଏଥିପାଇଁ ଏବେ ଠାରୁ ଚ଼ଳଚ଼ଞ୍ଚଳ ପୁରୀ ବଡଦାଣ୍ଡ । ଏଥର କିନ୍ତୁ ମନ୍ଦିରରେ ଭିଆଇପିଙ୍କୁ ପ୍ରବେଶ ମନା । ରଥଯାତ୍ରା ବେଳେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଇନ୍ ଶୃଙ୍ଖଳାକୁ କଡାକଡି କରାଯାଇଛି । ଏହା ସହ ଆସନ୍ତା କାଲି ଅର୍ଥାତ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୁରୀରେ ରଥଯାତ୍ରାର ଚୂଡାନ୍ତ ସମୀକ୍ଷା କରିବା ନେଇ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ସୂଚ଼ନା ଦେଇଛନ୍ତି ।ଆଇନ ମନ୍ତ୍ରୀଙ୍କ ସୂଚ଼ନା ଅନୁସାରେ, ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ବୈଠକରେ ରଥଯାତ୍ରା ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିବେ। ପୁରୀ ପ୍ରଶାସନ ଏବଂ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ରଥଯାତ୍ରା ପ୍ରସ୍ତୁତି ପାଇଁ ବ୍ୟସ୍ତ ।

## ଆଜିଠାରୁ ଆରମ୍ଭ ହେଲା ଭାରତୀୟ ନ୍ୟାୟ ସଂହିତା

ଭୁବନେଶ୍ୱର, ୧ ।୭(ପି.ଏନ): ଭାରତର ନ୍ୟାୟିକ ଓ ଦଣ୍ଡ ବିଧାନ ପ୍ରକ୍ରିୟାରେ ଏବେ ନୂଆ ଯୁଗ ଆରମ୍ଭ ହୋଇଛି । ବ୍ରିଟିଶ ଅମଳରୁ ପ୍ରଚ଼ଳିତ ହୋଇ ଆସୁଥିବା ଇଣ୍ଡିଆନ ପେନାଲ କୋଡ୍(ଆଇପିସି), କ୍ରିମିନାଲ ପ୍ରୋସିଡିୟର କୋଡ୍(ସିଆର୍‌ପିସି) ଏବଂ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ଏବେ ଇତିହାସ ପାଲଟିଯାଇଛି । ସ୍ୱାଧୀନ ଭାରତର ନିଜସ୍ୱ ଆଇନ ପ୍ରକ୍ରିୟା ଏହାର ସ୍ଥାନ ନେଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅଣାଯାଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ(ଆଇଇଏ) ଆଜିଠାରୁ ଲାଗୁ ହୋଇଛି । ଏହାଦ୍ୱାରା ପୀଡିତମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନ୍ୟାୟ ପାଇପାରିବେ । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି, ଏହି ନୂତନ ଆଇନ୍ ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ନାଗରିକମାନଙ୍କ ମାମଲାର ଠିକ୍ ସମୟରେ ବିଚ଼ାର



ହୋଇପାରିବ । କୌଣସି ଘଟଣା ସମ୍ପର୍କରେ ଯେକୌଣସି ଥାନାରେ ଏଫ୍‌ଆଇଆର୍ ଦିଆଯାଇପାରିବ । ଏପରିକି ଜଣେ ଚ଼ାହିଁଲେ ଅନ୍‌ଲାଇନ୍ ଜରିଆରେ ଏଫ୍‌ଆଇଆର୍ ଦେଇପାରିବ । ମହିଳା, ଶିଶୁଙ୍କ ମାମଲାକୁ ପୋଲିସ ଯେପରି ପ୍ରାଥମିକତା ଦେଇ କାର୍ଯ୍ୟାନୁଷ୍ଠାନ ନେବ ସେଥିପାଇଁ ଏହି ଆଇନ୍‌ରେ ବ୍ୟବସ୍ଥା ହୋଇଛି । ଏଭଳି ମାମଲାରେ ଆଜୀବନ କାରଦଣ୍ଡ ସହ ମୃତ୍ୟୁ ଦଣ୍ଡ ଦେବା ପାଇଁ ପ୍ରାବଧାନ ରହିଛି । ଦେଶ ବିରୋଧି ଆଇନ୍ ?ର ମୁକାବିଲା ପାଇଁ କଠୋରଦଣ୍ଡ ବିଧାନ କରାଯାଇଛି । ଅଭିଯୋଗର ୯୦ ଦିନ ଭିତରେ ଅଭିଯୁକ୍ତଙ୍କୁ ତଦନ୍ତ ରିପୋର୍ଟର ନକଲ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ହୋଇଛି । ଶୁଣାଣି ଶେଷ ହେବାର ୪୫ ଦିନ ଭିତରେ ରାୟ ପ୍ରକାଶ ପାଇବ । ଏହାଦ୍ୱାରା ନାଗରିକମାନଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ । ଦୀର୍ଘ ୭୫ ବର୍ଷ ଧରି ଭାରତରେ ପ୍ରଚ଼ଳିତ ହୋଇ ଆସୁଥିବା ତ୍ରୁଟିପୂର୍ଣ୍ଣ ବ୍ରିଟିଶ ଅମଳର ଆଇନକୁ ହଟାଇ ଯେଉଁ ଐତିହାସିକ, ବୈପ୍ଳବିକ, ଯୁଗାନ୍ତକାରୀ ପରିବର୍ତ୍ତନ କରାଯାଇଛି, ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରାଜ୍ୟବାସୀଙ୍କ ତରଫରୁ ଶ୍ରୀ ସାମଲ କୃତଜ୍ଞତା ଜଣାଇଛନ୍ତି

## ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ପ୍ରଥମ ଦିନରେ ପ୍ରବଳ ଭିଡ

ଭୁବନେଶ୍ୱର, ୧ ।୭(ପି.ଏନ): ଆଜିଠାରୁ ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ । ଭୁବନେଶ୍ୱର ୟୁନିଟ୍ ୫ରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରତି ସୋମବାର ଜଣ ଶୁଣାଣି ହେବ । ତେବେ ଆଜିର ଏହି ଶୁଣାଣି ପୂର୍ବରୁ ପଞ୍ଜିକରଣ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ଲୋକଙ୍କ ଭିଡ ଦେଖିବାକୁ ମିଳିଛି । ତେବେ ଆଜି ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଲୋକ ନାମ ପଞ୍ଜୀକରଣ କରିଥିବା ସୂଚ଼ନା ରହିଛି ଯେଉଁଥିରେ ଅନେକ ଦିବ୍ୟାଙ୍ଗ ମଧ୍ୟ ସାମିଲ ଅଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଭିଯୋଗ ଶୁଣାଣି କରିବା ସହ ଏହାର ସମାଧାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେବେ ।

ତେବେ ଆସନ୍ତୁ ଜାଣିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପାଇଁ କିପରି କରିପାରିବେ ଅଭିଯୋଗ:

– ପ୍ରତି ସୋମବାର ଦିନ ୧୧ଟାରୁ ଅଭିଯୋଗ ଶୁଣାଣି ଆରମ୍ଭ ହେବ ।

– ଅଭିଯୋଗ ଶୁଣାଣି ପାଇଁ www.janasunani.odisha.gov.in ରେ ସକାଳ ୯ଟାରୁ ୧୨ଟା ମଧ୍ୟରେ ପଞ୍ଜୀକରଣ କରିପାରିବେ ।

– ଓ୍ୱେବସାଇଟରେ ପ୍ରଥମେ ନିଜ ନାଁ ଓ ମୋବାଇଲ ନମ୍ବର ଦେବାକୁ ପଡିବ । ଏହା ପରେ ଏକ ପାସଓ୍ୱାର୍ଡ ଦେଇ ଲଗ୍ ଇନ୍ କରନ୍ତୁ ।

– ଲଗ୍ ଇନ୍ କରିବା ପରେ ଅଭିଯୋଗ ପଞ୍ଜୀକରଣ କରନ୍ତୁ ।

– ଅନଲାଇନ୍ ବ୍ୟତୀତ ୬୩୭୦୯୫୧୯୩୦ ହ୍ୱାଟ୍ସଆପ୍ ନମ୍ବରରେ ମେସେଜ୍, ଇମେଲ ଓ ଚ଼ିଠି ମାଧ୍ୟମରେ ମଧ୍ୟ ପଞ୍ଜୀକରଣ କରିପାରିବେ ।

– ସମ୍ମିଳନୀ କକ୍ଷରେ ଏକକାଳୀନ ୩୦ ଜଣ ଲୋକ ବସିବାର ସୁବିଧା ରହିଛି । ଏହା ବ୍ୟତୀତ ଅନ୍ୟ ଲୋକଙ୍କ ବସିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।

ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।

ହରି-କିପରି ?

ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍‌ଣୁ ଇଛା ପ୍ରକଟ କରନେତ୍‌ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେ୍ଦଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେ୍ଦଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଜୁଲାଇ ୨

# ମାନସିକ ରୋଗ ଓ ଡାକ୍ତର


ଡାକ୍ତର ସମ୍ରାଟ କର

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି । ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି । ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ । ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁର୍ମୁଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ଼କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ ହୋଇଥାଏ। ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭଉିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ। ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡ଼େଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।

ମାନସିକରୋଗ ବିଶେଷଜ୍ଞ,
ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ଆରୋଗ୍ୟକାରୀ ହାତ, ଯତ୍ନଶୀଳ ହୃଦୟ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ଯେ ପର୍ଯ୍ୟନ୍ତ ମଣିଷ ଶରୀର ଏବଂ ମନରୁ ସୁସ୍ଥ ନହେବ ସେଯାବତ୍ ସ୍ୱରାଜ ଏକ ସ୍ୱପ୍ନ ହୋଇ ରହିବ ଏହି କଥାକୁ ଭାରତୀୟ ଜନମାନସକୁ ବୁଝାଇଥିବା ବରିଷ୍ଠ ଚିକିତ୍ସକ, ସ୍ୱାଧିନତା ସଂଗ୍ରାମୀ, ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଆଗଧାଡ଼ିର ନେତା, ଭାରତରତ୍ନରେ ଭୂଷିତ ତଥା ସ୍ୱାଧୀନ ଭାରତର ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମଦିବସକୁ ଡାକ୍ତର ଦିବସ ରୂପେ ପାଳନ କରାଯାଉଛି । ପ୍ରଥମ ଡାକ୍ତର ଦିବସ ୧୯୯୧ରେ ପାଳନ କରାଯାଇଥିଲା । ବିଶ୍ୱ ଚିକିତ୍ସକ ଦିବସ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆରୋଗ୍ୟକାରୀ ହାତ, ଯତ୍ନଶୀଳ ହୃଦୟ' ( Healing Hands, Caring Hearts)।

ପୁରୁଷୋତ୍ତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବିଂଶ ଶତାବ୍ଦୀର ଏକ ବିସ୍ମୟକର ବ୍ୟକ୍ତିତ୍ୱ। ଉଜ୍ଜ୍ୱଳ ଜୀବନର ପ୍ରାଚୁର୍ଯ୍ୟରେ ସେ ମନୁଷ୍ୟକୁ ସ୍ୱାସ୍ଥ୍ୟଦାନ କରିଛନ୍ତି, ଜୀବନ ଦାନ କରିଛନ୍ତି, ସେ ଜଣେ ଚିକିତ୍ସକ, ଶରୀର ମନ ଓ ଆତ୍ମାର ଚିକିତ୍ସକ। କେତେ ରୁଗ୍‌ଣ ବ୍ୟକ୍ତି ସ୍ୱାସ୍ଥ୍ୟ ଫେରି ପାଇଛନ୍ତି ତାଙ୍କ ହାତରେ, କେତେ ବ୍ୟକ୍ତି ପ୍ରାଣ ପାଇଛନ୍ତି, ମୃତ ମନୁଷ୍ୟ ମଧ୍ୟ ଜୀବିତ ହୋଇ ଉଠିଛନ୍ତି ତାଙ୍କ ସ୍ପର୍ଶରେ - ଏହା ସ୍ୱପ୍ନ ବା କାହାଣୀ ନୁହେଁ - ଏହା ହିଁ ହେଉଛି ବାସ୍ତବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସାନ୍ନିଧରେ ଆସି କେତେ ମାରାତ୍ମକ ରୋଗୀ ବ୍ୟାଧିମୁକ୍ତ ହୋଇଛନ୍ତି - ଏହା ହିଁ ଥିଲା କଲ୍‌କୀ ଅବତାର ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦୈବୀ ସ୍ପର୍ଶର ଚମତ୍କାରିତା। ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିକିତ୍ସକ କିଏ ? ଯିଏ ରୋଗୀର ମନକୁ ବ୍ୟବସ୍ଥିତ କରି ତୋଳି ପାରନ୍ତି, ପାରିପାର୍ଶ୍ୱିକକୁ ନିଜର ଅନୁପୂରକ କରି ଉଠାଇପାରନ୍ତି, ତଦନୁକୂଳ ଆହାର ଓ ପରିଚର୍ଯ୍ୟା ନିୟନ୍ତ୍ରିତ କରିପାରନ୍ତି, ରୋଗୀ ଅନୁପାତିକ ଔଷଧ ବ୍ୟବସ୍ଥା କରି ଶୀଘ୍ର ଆରୋଗ୍ୟ କରି ଉଠାନ୍ତି - ସେ ହିଁ ବିଜ୍ଞ, ବିଧାୟକ, ବୈଦ୍ୟ ବା ଚିକିତ୍ସକ। ମନୋବୈଜ୍ଞାନିକ ହେଲେ ଉତ୍ତମ ଚିକିତ୍ସକ ହେବାର ସମ୍ଭାବନା ଅଧିକ। ଚିକିତ୍ସା ବିଦ୍ୟା ଯେତେ ଜଣା ଥାଉ ନା କାହିଁକି ଚିକିତ୍ସକର ପ୍ରଧାନ ବୈଶିଷ୍ଟ୍ୟ ହେଲା - ରୋଗୀ ସହିତ ସୁକୌଶଳୀ ବ୍ୟବହାର, ସମ୍ମାନଯୋଗ୍ୟ ଦୂରତ୍ୱ ସହ ଅତ୍ୟାନ୍ତରିକ ବନ୍ଧୁତା, ସହାନୁଭୂତି ପ୍ରବଣତା, ତୀକ୍ଷ୍ଣଣବୋଧଶକ୍ତି ଓ ପର୍ଯ୍ୟବେକ୍ଷଣର ସ୍ପୃହା। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାମାନେ ଶାରୀରିକ ଓ ମାନସିକ ସ୍ତରରେ ଅସୁସ୍ଥ ହୁଅନ୍ତି। ଶରୀର ସଙ୍ଗେ ମନ ଓ ଶରୀର - ମନ ସହିତ ବଂଶ ପରମ୍ପରା, ପାରିବାରିକ ଜୀବନ, ପାରିପାର୍ଶ୍ୱିକ ଅବସ୍ଥା ଓ ଜୀବିକା କର୍ମର ସଂଯୋଗ ଅଛି। ଚିକିତ୍ସକର ପ୍ରୀତି ଉଦ୍ଦୀପ୍ତି ପ୍ରାଣଦ ଚାହାଣି ଦେଖି ରୋଗୀର ଅର୍ଦ୍ଧେକ ରୋଗ ଭଲ ହୋଇଯାଏ।

ଭଲ ଚିକିତ୍ସକ ମାନଙ୍କର ରୋଗ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥାଏ। ଯେଉଁସବୁ ଉପସର୍ଗ ବା ଲକ୍ଷଣ ଆସିନାହିଁ ସେଗୁଡ଼ିକର ନିରାକରଣ ପନ୍ଥା ବାହାର କରିବାକୁ ହୁଏ। ସର୍ବାଙ୍ଗୀନ ସୁସ୍ଥତା ଓ ସ୍ୱାଚ୍ଛନ୍ଦ୍ୟ ରୋଗୀକୁ ମିଳିବା ଉଚିତ। କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ - ପ୍ରାୟଶ୍ଚି ମଧ୍ୟ ଏକ ପ୍ରକାର ଚିକିତ୍ସା। ବହୁ ରୋଗର ମୂଳରେ ମାନସିକ ଅସ୍ଥିରତା ଜଡ଼ିତ। ପ୍ରାୟଶ୍ଚିତ୍ତର ତାତ୍ପର୍ଯ୍ୟ ହେଉଛି ଚିତ୍ତର ଗଭୀର ସ୍ତରରେ ଅସାମ୍ୟତା ଓ ତ୍ରୁଟିକୁ ଅପନୋଦନ କରିବା, ଆତ୍ମବିଶ୍ଳେଷଣ ଓ ଧ୍ୟାନ ମାଧ୍ୟମରେ ନିଜର ଆତ୍ମିକ ଓ ପ୍ରାଣଶକ୍ତିକୁ ପବିତ୍ର ଶକ୍ତି ସମନ୍ୱିତ କରି ଉଠାଇବା। ପ୍ରାୟଶ୍ଚିତ୍ତ ବିଧାନରେ ଆଚାର, ନିୟମ ଓ ଖାଦ୍ୟ ବ୍ୟବସ୍ଥାର ବିଧି ନିର୍ଦ୍ଧାରିତ ଅଛି ଯାହାଦ୍ୱାରା ଶାରୀରିକ ଅସାମ୍ୟତା ଅନେକାଂଶରେ ଦୂର ହୁଏ। ପ୍ରାୟଶ୍ଚତ୍ତରେ ଯେଉଁ ବିଧାନ ଅଛି ତାକୁ ପରିବର୍ଦ୍ଧନ ବା ପରିବର୍ତ୍ତନ ନକରି ନିଷ୍ଠା ସହକାରେ ପାଳନ କରିବା ଉଚିତ। ଆଦର୍ଶ ଚିକିତ୍ସକ ରୋଗୀକୁ ଯଥାସମ୍ଭବ ଔଷଧ ପ୍ରୟୋଜନମୁକ୍ତ କରି ଉଠାଏ। ଚିକିତ୍ସା ବିଜ୍ଞାନରେ ଖାଦ୍ୟ ନେଇ ଆହୁରି ଗବେଷଣା ହେବା ଆବଶ୍ୟକ। ସତ୍‌ନାମ ମନନ କରି ଓ ଯୋଗଯୁକ୍ତ ରହିଲେ ଚିକିତ୍ସାର କୌଶଳ ଖୋଲିଯାଏ। ବିବେଚନାରେ ଭୁଲ ହୁଏ ନାହିଁ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଜସ୍ୱ ଚିକିତ୍ସା ବୃତ୍ତି ବିଷୟରେ କହିଛନ୍ତି - ଚିକିତ୍ସା ଥିଲା ମୋର ପେଷା। ମନୁଷ୍ୟକୁ ସ୍ୱସ୍ତି ଦେବା ଥିଲା ମୋର ନିଶା। ଏହା ମୋତେ ପାଇ ବସିଥିଲା ଓ ନିବିଷ୍ଟ ହୋଇ ରହୁଥିଲି। ଟଙ୍କା ପ୍ରତି ମୋର କୌଣସି ଖିଆଲ ନଥିଲା। ମନୁଷ୍ୟ ନିଜର ଟଙ୍କା ପର - ଏହି ନୀତିରେ ମୁଁ ଚାଲୁଥିଲି। ବାସ୍ତବ ଜୀବନରେ ଧର୍ମ ପରିପାଳନ କରିବାର ବୁଦ୍ଧି ଥିଲା। ଚିକିତ୍ସକମାନେ ଟଙ୍କା ପ୍ରତି ମନ ନରଖି ଆରୋଗ୍ୟ ଦିଗରେ ଲକ୍ଷ୍ୟ ରଖନ୍ତୁ। ଜାଣିବାର ଅହଙ୍କାର ଭଲ ନୁହେଁ, କିନ୍ତୁ ପ୍ରତ୍ୟୟ ରଖିବା ଭଲ। ପଥ୍ୟ ବିଜ୍ଞାନ (ଖାଦ୍ୟ) ସମ୍ବନ୍ଧରେ ଏଭଳି ପୁସ୍ତକ ଲେଖିବାକୁ ହୁଏ ଯାହାଫଳରେ କେବଳ ପଥ୍ୟର ବିନାୟନରେ ସବୁ ପ୍ରକାର ରୋଗ ଆରୋଗ୍ୟ କରାଯାଇପାରେ। ଉତ୍ସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧୀରେ ଧୀରେ ନଷ୍ଟହୁଏ। ଆନ୍ତଃକୌଷିକ ସଂସ୍ଥିତିର ସମ୍ମିଳନୀ ଗଠନ ଦୁର୍ବଳ ହୋଇ ଉଠେ। ଚିକିତ୍ସକଙ୍କର କର୍ମ ହେଲା ସେବା। ଶରୀର ସେବା ସଙ୍ଗେ ସଙ୍ଗେ ମନ ଓ ଆତ୍ମାର ପୋଷଣ ଯଦି ଯୋଗାଇ ହୁଏ ତାହାହେଲେ ଶରୀର ସହଜରେ ସୁସ୍ଥ, ସବଳ ଓ ପୁଷ୍ଟ ହୋଇଉଠେ। ଏହା କରିବାକୁଗଲେ ପ୍ରଥମେ ପ୍ରୟୋଜନ ଏକ ଆଦର୍ଶ ପୁରୁଷ ଓ ତାଙ୍କ ଠାରେ ଅଚ୍ୟୁତ ଅନୁରାଗ। ଦେଶରେ ଏବେ ଅଣସଂକ୍ରମିତ ରୋଗର ସମସ୍ୟା ବଢୁଥିବାରୁ ନୂଆ ନୀତିରେ ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବ। ହୃଦ୍‌ରୋଗ, ସ୍ତ୍ରୀ ଓ ପ୍ରସୂତୀ ରୋଗ ସମସ୍ୟା, ଡାଇବେଟିସ୍, କ୍ୟାନସର, ମାନସିକ ରୋଗ ଓ ଅନ୍ୟାନ୍ୟ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପ୍ରାଥମିକ ସ୍ତରରେ ମୁକାବିଲା କରିବାକୁ ଏକ ନୂଆ ବିସ୍ତୃତ ସ୍ୱାସ୍ଥ୍ୟସେବା ପ୍ୟାକେଜ ପ୍ରସ୍ତୁତ ହେବ। ଏସବୁ ସତ୍ତ୍ୱେ ଅତୀତର ଅଭିଜ୍ଞତା ଦୃଷ୍ଟିରୁ ଲୋକେ ସରକାରୀ ଚିକିତ୍ସା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭରସା କରିପାରିବେ ନାହିଁ। ୨୦୧୫ର ଚିଠା ପ୍ରସ୍ତାବରେ ସ୍ୱାସ୍ଥ୍ୟସେବାକୁ ମୌଳିକ ଅଧିକାର କରାଯିବା ପାଇଁ ବିଚାର କରାଯାଇଥିଲା। କିନ୍ତୁ ଏବେ ତା ବଦଳରେ ପ୍ରତିଶ୍ରୁତିଭିତ୍ତିକ ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟସେବା ମୌଳିକ ଅଧିକାର ମର୍ଯ୍ୟାଦା ପାଇଥିଲେ ଏହାର ଆଇନଗତ ଗୁରୁତ୍ୱ ଅଧିକ ହୋଇଥାନ୍ତା। କାରଣ ସ୍ୱାସ୍ଥ୍ୟ ବିଜ୍ଞାନ ଯେଉଁପରି ବିକଶିତ କ୍ଷେତ୍ରରେ ପହଞ୍ଚିଛି ଏବଂ ଅନେକ ବର୍ଷର ସ୍ୱାଧୀନତା ପରେ ଦେଶବାସୀ ପ୍ରତିଶ୍ରୁତିଭିତ୍ତିକ ବଦାନ୍ୟତା ବଦଳରେ ସ୍ୱାସ୍ଥ୍ୟସେବାର ହକ୍ ହାସଲ କରିବା ଦରକାର। ବିଶ୍ୱ ଡାକ୍ତର ଦିବସ ଅବସରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଅଧିକ ବିକଶିତ, ପ୍ରୟୋଗାତ୍ମକ କରିବା ସହ ସରକାରଙ୍କ ସ୍ୱାସ୍ଥ୍ୟସେବାର ସଫଳତା ଓ ସେବା ସହାୟତା ଅଧିକ ଭାବରେ ସମସ୍ତଙ୍କ ପାଖରେ ବିଶେଷ ଭାବରେ କିପରି ଉପଲବ୍ଧ ହେବ ତାହା ଏହି ଦିବସର କାମନା।

*ସହପ୍ରତିରକ୍ତିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ନୀଳାଚଳନାଥ : ଶ୍ରୀରାମ


ଡାକ୍ତର ଦିଲ୍ଲୀପ କୁମାର ମହାରଣା

ତ୍ରେତୟା ଯୁଗର କଥା। ଭଗବାନ ରାମ ତାଙ୍କର ଲୀଳା ଖେଳା ଶେଷ କରି ପରମ ଧାମକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯୋଜନା କଲେ। ସଙ୍ଗରେ ଭାଇମାନଙ୍କୁ, ସୁଗ୍ରୀବ ଓ ବାନର ମାନଙ୍କୁ ନେବାକୁ ନିଶ୍ଚୟ କରି ଜାମ୍ବମାନ, ବିଭୀଷଣ, ହନୁମାନ, ମୈନ୍ଦ, ଦ୍ୱିବିନ୍ଦ - ଏହି ପାଞ୍ଚ ଜଣଙ୍କୁ ମର୍ତ୍ତ୍ୟରେ ଛାଡ଼ି ଦେଇ ଗଲେ। ସେ ରାକ୍ଷାସଧିପ ଲଙ୍କେଶ ବିଭୀଷଣକୁ ପାଖକୁ ଡାକି କହିଲେ, ହେ ମହାବଳୀ ରାକ୍ଷାସ ରାଜ ସେତେ ଦିନ ପର୍ଯ୍ୟନ୍ତ ଚନ୍ଦ୍ର ଓ ସୂର୍ଯ୍ୟ ରହିଥିବେ, ସେତେଦିନ ପର୍ଯ୍ୟନ୍ତ ଏ ଧରାପୃଷ୍ଠରେ ତିଷ୍ଠି ରହିଥିବ ଓ ଯେତେଦିନ ପର୍ଯ୍ୟନ୍ତ ସଂସାରରେ ମୋ କଥା ପ୍ରଚଳିତ ଥିବ, ସେତେଦିନ ତୁମେ ରାଜୁତି କରିବ। ଏତିକି କହିସାରି ପୁଣି ସେ କହିଲେ ତୁମକୁ ଆଉ ଗୋଟିଏ କଥା କହିବାକୁ ଚାହୁଁଛି। ଆମ ଇକ୍ଷାକୁ କୁଳର ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ଇନ୍ଦ୍ରାଦି ଦେବତାମାନେ ତାଙ୍କୁ ନିରନ୍ତର ଆରାଧନା କରନ୍ତି। ତୁମେ ବି ସଦାସର୍ବଦା ତାଙ୍କର ପୂଜା କରୁଥିବ। 'ଆରାଧୟ ଜଗନ୍ନାଥଃ ଇକ୍ଷାକୁ କୁଳଦୈବତମ୍, ଆରାଧନୀୟମନିଶଂ ଦେବୈରପି ସଦା ସବୈଃ।' ଭଗବାନ ରାମଚନ୍ଦ୍ରଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଲଙ୍କାରେ ବିଭୀଷଣ ରାଜୁତି କରିବାକୁ ଲାଗିଲେ। କିନ୍ତୁ ସେ ପ୍ରତିଦିନ ଆସି ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ଯାଆନ୍ତି। ସେଥିପାଇଁ ପୁରୀ ଶ୍ରୀମନ୍ଦିର ଉପରି ଭାଗରେ ଦକ୍ଷିଣ ଦିଗକୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତ୍ରିମୂର୍ତ୍ତି ଶୋଭା ପାଉଛନ୍ତି। କାରଣ ଲଙ୍କା ରାଜ୍ୟ ଭାରତର ଦକ୍ଷିଣ ଦିଗରେ ଅବସ୍ଥିତ।

ହଜାର ହଜାର ବର୍ଷ ପୂର୍ବରୁ ମହର୍ଷି ବାଲ୍ମିକୀ ଯାହା ଲିପିବଦ୍ଧ କରିଯାଇଛନ୍ତି, ଆଜିକାଲି ବି ପୁରୀରେ ଲୋକମୁଖରେ ବିଭୀଷଣ ପ୍ରତିଦିନ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରୁଥିବାର ପ୍ରବାଦ ଶୁଣିବାକୁ ମିଳେ। ଏ ବିଷୟରେ ଏଠାରେ ଉତ୍ଥାପନ କରିବାର କାରଣ ହେଉଛି ନୀଳାଚଳନାଥ ନୀଳାଦ୍ରି ବିହାରୀ ନୀଳ ଶୈଳାଧିପତି ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ ମହାପ୍ରଭୁ। ସେହି ହେଉଛନ୍ତି ଇକ୍ଷାକୁ ସୂର୍ଯ୍ୟକୁଳ ଜାତ ପୁରୁଷୋତ୍ତମ ରାମଚନ୍ଦ୍ର। ସେଥିପାଇଁ ଏ କ୍ଷେତ୍ରକୁ ପୁରୁଷୋତ୍ତମ କ୍ଷେତ୍ର ବା ପୁରସ୍ତମ ବା ସଂକ୍ଷେପରେ ପୁରୀ କୁହାଯାଏ।

ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ଯୁଗେ ଯୁଗେ ରହି ଆସିଅଛି। ନୀଳାଚଳ ହେଉଛି ପରମାତ୍ମାଙ୍କର ନିତ୍ୟ ଲୀଳାକ୍ଷେତ୍ର। ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ପରମ ଅବତାରି। ସେ ସବୁ ଅବତାର ମଧ୍ୟରେ ଶ୍ରେଷ୍ଠ। ସେ ହିଁ ସକଳ ତତ୍ତ୍ୱର ସକଳ ସତ୍ୟର ସତ୍ୟ ଓ ସକଳ ପ୍ରକାଶର ପ୍ରକାଶ। ନୀଳାଦ୍ରି ବା ପୁରୁଷୋତ୍ତମ ଧାମ ହେଉଛି ତୀର୍ଥସାର। ଜଗନ୍ନାଥ ମହାପ୍ରଭୁ ଓ ରାମଚନ୍ଦ୍ର ଉଭୟ ଇକ୍ଷାକୁ କୁଳ ସଂଭୂତ ହୋଇଥିବାରୁ ତ୍ରେତୟାର ଭଗବାନ ରାମଚନ୍ଦ୍ର ଓ କଳିର ଜଗନ୍ନାଥ ମହାପ୍ରଭୁ ଏକ ଓ ଅଭିନ୍ନ। ଏଥିରେ ସନ୍ଦେହ ନାହିଁ। ଆହୁରି ମଧ୍ୟ ସେତେବେଳେ ରାମଚନ୍ଦ୍ର ପିତୃ ଆଜ୍ଞା ପାଳନ କରି ବନ ଗମନ କରିଥିଲେ, ସେତେବେଳେ ଆଗରେ ରାମଚନ୍ଦ୍ର, ମଝିରେ ସୀତା ଓ ପଛରେ ଲକ୍ଷ୍ମଣ ଚାଲୁଥିଲେ। ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ଆଗେ ରାମ ଅନୁଜ ପୁନି ପାଛେଁ। ମୁନିବର ବେଷ ବନେ ଅତି କାଛେଁ।। ଉଭୟ ବୀଚ ଶ୍ରୀ ସେହଇ କୈସସୀ। ବ୍ରହ୍ମ ଜୀବ ବିଚ ମାୟା ଜୈସୀ।। ମୁନିବେଶ ଧାରଣ କରି ରାମଚନ୍ଦ୍ର ଆଗରେ, ପଛରେ ଲକ୍ଷ୍ମଣ ଓ ମଝିରେ ସୀତା। ସୀତାଙ୍କୁ ଲକ୍ଷ୍ୟ କରି ତୁଳସୀ ଦାସ କହିଛନ୍ତି - ବ୍ରହ୍ମ ଓ ଜୀବ ମଧ୍ୟରେ ସୀତା ଶୋଭା ପାଉଛନ୍ତି। ଶକ୍ତି ରୂପିଣୀ ସୀତା ମାୟା ରୂପରେ ବ୍ରହ୍ମ ଓ ଜୀବ ମଧ୍ୟରେ ସଂଯୋଗ ସ୍ଥାପନ କରୁଛନ୍ତି। ସାଧାରଣତଃ ମାୟା ଦୁଇ ପ୍ରକାର, ବିଦ୍ୟା ମାୟା, ଓ ଅବିଦ୍ୟା ମାୟା। ବିଦ୍ୟା ମାୟାକୁ ମଧ୍ୟ ଯୋଗମାୟା କୁହାଯାଏ। ବିଦ୍ୟା ମାୟା ବ୍ରହ୍ମ ଓ ଜୀବ ମଧ୍ୟରେ ସଂଯୋଗ ସ୍ଥାପନ କରି ଜୀବକୁ ଭଗବତମୁଖୀ କରାଏ। ଅପର ପକ୍ଷରେ ଅବିଦ୍ୟା ମାୟା। ଜୀବକୁ ଭଗବାନ ଠାରୁ ଦୂରେଇ ଦେଇ ତାକୁ ବିଷୟାଭିମୁଖୀ କରାଏ। କିନ୍ତୁ ଏ କ୍ଷେତ୍ରରେ ସୀତା ହେଉଛନ୍ତି ବିଦ୍ୟା ମାୟା। ଏହି ଦୃଷ୍ଟିରୁ ଆମେ ଯଦି ରତ୍ନ ସିଂହାସନ ଉପରେ ଅଧିଷ୍ଠିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଲକ୍ଷ୍ୟ କରିବା ତାହାହେଲେ ଜାଣି ପାରିବା ଜଗନ୍ନାଥ ଓ ବଳଭଦ୍ର ମଧ୍ୟରେ ଶକ୍ତି ସ୍ୱରୂପିଣୀ ସୁଭଦ୍ରା ମାତା ଅଧିଷ୍ଠିତା। ସେ ହେଉଛନ୍ତି ଜୀବ ଓ ବ୍ରହ୍ମ ମଧ୍ୟରେ ସଂଯୋଗକାରଣୀ ଆଦିଶକ୍ତି।

ଶ୍ରୀମନ୍ଦିରକୁ ପ୍ରବେଶ କଲାବେଳେ କୁରୁମ ବେଢ଼ା ଦୁଆର ଉପରେ ରାମ ତିଳକ ଶୋଭ ପାଉଛି। ଏହା ବ୍ୟତୀତ ପ୍ରଧାନ ମନ୍ଦିର ଉପରେ ଦଧି ନଉତି ପାଖରେ ପୂର୍ବ ଦିଗକୁ ମଧ୍ୟ ରାମ ତିଳକ ଦେଖିବାକୁ ମିଳେ। ଏହି ସଂକେତରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଜଗନ୍ନାଥ ମହାପ୍ରଭୁ ହିଁ ସ୍ୱୟଂ ରାମଚନ୍ଦ୍ର ଭଗବାନ। ଦ୍ୱାଦଶ ଶତାବ୍ଦୀରେ ବୈଷ୍ଣବାଚାର୍ଯ୍ୟ ବିଷ୍ଣୁ, ସ୍ୱାମୀ ରାମଙ୍କୁ ବିଷ୍ଣୁଙ୍କର ପୂର୍ଣ୍ଣ ଅବତାର ରୂପରେ ଗ୍ରହଣ କରିଥିଲେ। ସେ ଜଗନ୍ନାଥଙ୍କୁ ରାମଚନ୍ଦ୍ରଙ୍କର ପରିପୂର୍ଣ୍ଣ ମୂର୍ତ୍ତି ରୂପେ ପରିକଳ୍ପନା କରିଥିଲେ। ୧୪ଶ ଶତାବ୍ଦୀରେ ରାମାନନ୍ଦ ମଧ୍ୟ ରାମଙ୍କୁ ପୂର୍ଣ୍ଣ ବ୍ରହ୍ମ ରୂପେ ଗ୍ରହଣ କରିଥିଲେ। ସେ ଜଗନ୍ନାଥଙ୍କ ମଧ୍ୟରେ ରାମଙ୍କୁ ଦର୍ଶନ କରିଥିଲେ। ୧୫ଶ ଶତାବ୍ଦୀରେ ଶେଷ ଭାଗରେ ଜଗନ୍ନାଥ ମହାପ୍ରଭୁଙ୍କର ଅନନ୍ୟ ଭକ୍ତ ପଞ୍ଚସଖା ମଧ୍ୟରୁ ଅନ୍ୟତମ ବଳରାମ ଦାସ ଜଗନ୍ନାଥଙ୍କ ଠାରେ ରାମଙ୍କୁ କଳ୍ପନା କରି ଶ୍ରୀମନ୍ଦିରସ୍ଥିତ ଜଗମୋହନ ମଣ୍ଡପରେ ଦାଣ୍ଡି ବୃତ୍ତରେ ରାମାୟଣ ରଚନା କରିଥିଲେ। ଏହାକୁ ଜଗମୋହନ ରାମାୟଣ କୁହାଯାଏ। ୧୬ଶ ଶତାବ୍ଦୀରେ ସନ୍ଥ ତୁଳସୀ ଦାସ ଜଗନ୍ନାଥ ମହାପ୍ରଭୁଙ୍କୁ ରାମଚନ୍ଦ୍ରଙ୍କ ଅବତାର ମନେକରି ଦର୍ଶନ କରିବାକୁ ଚାଲି ଚାଲି ପୁରୀ ଆସିଥିଲେ। ସେ ପୁରୀରେ ପହଞ୍ଚି ପାଣି ପାଦ ହୀନ ବିକୃତ ଜଗନ୍ନାଥ ରୂପକୁ ଦେଖି ତାଙ୍କ ମନରେ ବିକାର ଉଦୟ ହେଲା। ତାଙ୍କର ସନ୍ଥ ପଥ ଶ୍ରମ ବୃଥା ହେଲା ଭାବି ମନସ୍ତାପରେ ଫେରିଯାଇ ତୁଳସୀ ଚଉଁରା ଗ୍ରାମ (ପୁରୀ ନିକଟବର୍ତ୍ତୀ)ରେ ଥିବା ଗୋଟିଏ ଚଉତରା ଉପରେ ରାତ୍ରୀ ଯାପନ କଲେ। ଅଖିଆ ଅପିଆ ସେ ଦିନ ରାତି ଅଧରେ ସିଏ ଶୋଇଥିବା ଅବସ୍ଥାରେ ସ୍ୱପ୍ନରେ ଜଣେ କିଏ ଦିବ୍ୟ ଜ୍ୟୋତିର୍ମୟ ପୁରୁଷ ତାଙ୍କୁ ବେତ ବାଡ଼ିରେ କେଞ୍ଚି ଉଠାଇଲା। ତାଙ୍କ ପାଖରୁ ସବୁ ବିବରଣୀ ଶୁଣି ତୁଳସୀ ଦାସଙ୍କୁ କହିଲେ ବାବୁ! ଏହା ନୀଳାଚଳ ଧାମ। ଏଠି ଭୋକ ଓପାସରେ କେହି ରହନ୍ତି ନାହିଁ। ପ୍ରଭୁଙ୍କ ଆନନ୍ଦ ବଜାର ସବୁବେଳେ ଖୋଲା। ଜଗନ୍ନାଥ ମହାପ୍ରଭୁଙ୍କ ଦୁଆର ସାହାଣ ମେଲା। ତୁମେ ମୋ କଥା ମାନି ପୁରୀ ଫେରିଯାଅ ମହାପ୍ରସାଦ ଗଣ୍ଡିଏ ଖାଇଦେବ। ସକାଳୁ ସକାଳୁ ନୀଳାଦ୍ରି ବିବହାରୀ ନୀଳାଚଳ ନାଥଙ୍କୁ ଦର୍ଶନ କଲେ ତୁମର ମନସ୍କାମନା ପୂର୍ଣ୍ଣ ହେବ। ତୁଳସୀ ଦାସଙ୍କ ନିଦ ଚାଉଁକିନା ଭାଙ୍ଗିଗଲା। ନିଦରୁ ଉଠି ଚାରି ଆଡ଼କୁ ଅନେଇଲେ। ପାଖରେ କାହାକୁ ଦେଖିବାକୁ ପାଇଲେ ନାହିଁ। ବିଶ୍ୱାସ ଓ ଅର୍ଦ୍ଧବିଶ୍ୱାସରେ ସେ ଭୋରୁ ଭୋରୁ ଶ୍ରୀମନ୍ଦିର ଆଡ଼େ ପାଦ ବଢ଼ାଇଲେ। ଚୁମ୍ବକ ଟାଣିଲା ପରି ପାଦ ଆଗକୁ ଚାଲିଥାଏ। ମନ୍ଦିରରେ ମଙ୍ଗଳ ଆରତୀ ଚାଲିଛି - ଘଣ୍ଟାଧ୍ୱନି, କାହାଳୀ ତୁରୀ। ତୁଳସୀ ଦାସ ଗରୁଡ଼ ଖମ୍ବ ପାଖରେ ଠିଆ ହୋଇ ରତ୍ନ ସିଂହାସନକୁ ଦୃଷ୍ଟିପାତ କଲେ। ସେ ଦେଖିଲେ ନବ ନୀରଦ ବପୁଧାରୀ ଧନୁର୍ଦ୍ଧାରୀ ରାମ ରତ୍ନ ସିଂହାସନ ଉପରେ ଠିଆ ହୋଇ ହସୁଛନ୍ତି। ତାଙ୍କ ପାଖରେ ଜାନକୀ ଓ ଅନୁଜ ଲକ୍ଷ୍ମଣ। ଭକ୍ତ ବତ୍ସଳ ଭଗବାନ ଭକ୍ତିର ଅଳି ରଖିଲେ। ଆନନ୍ଦରେ ତୁଳସୀଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ। ଭଗବାନ ଭାବଗ୍ରାହୀ। ଭକ୍ତର ଭାବ ଅନୁସାରେ ସେ ରୂପ ଧାରଣ କରନ୍ତି। ଗୀତାରେ ଭଗବାନ କହିଛନ୍ତି - ଯେ ଯଥା ଯାଂ ତାଂସ୍ତଥୈବ ଭଜାମ୍ୟହମ। ଅତଏବ ତ୍ରେତୟାର ଭଗବାନ ରାମ ଓ କଳିର ନୀଳାଦ୍ରି ବିହାରୀ ନୀଳାଚଳ ନାଥ, ନୀଳମଣି, ନୀଳମାଧବ, ଜଗନ୍ନାଥ ମହାପ୍ରଭୁଙ୍କ ଭଗବାନ ରାମ ରୂପରେ ଦର୍ଶନ କଲାପରେ ସନ୍ଥ ତୁଳସୀ ଦାସ ଏତେ ଦୂର ପ୍ରଭାବିତ ହୋଇଯାଇଥିଲେ ଯେ ସେ ପରବର୍ତ୍ତୀ କାଳରେ ଯେତେବେଳେ ରାମ ରଚିତ ମାନସ ରଚନା କଲେ, ସେତେବେଳେ ରାମଚନ୍ଦ୍ରଙ୍କ ରୂପ ବର୍ଣ୍ଣନା କରି ଲେଖିଛନ୍ତି - 'ନୀଳ ସରୋରୂହ ନୀଳମଣି ନୀଳ ନୀରଧର ଶ୍ୟାମ' ଏହିଥିରୁ ସ୍ପଷ୍ଟ ସ୍ଫୁରିତ ହୁଏ, ଜଗନ୍ନାଥ ଓ ରାମଚନ୍ଦ୍ର ଉଭୟଙ୍କର ସ୍ୱରୂପ ନୀଳ କେନ୍ଦ୍ରିକ।

*ଶିଖରପୁର ଉପରସାହି, କଟକ*



# ମୋ ଗାଁ

## ଅଣ ଓଡ଼ିଆ କଣ୍ଠରେ ଜଗନ୍ନାଥ



ଅନୁପମା ଭୂୟାଁ

'ମାଧବ ହେ ମାଧବ ମୁଠେ ଚାଉଳରେ ପେଟ ପୂରେ ମୋର ଖଣ୍ଟୁଆ ପାଟରେ ନାହିଁ ମୋ ଲୋଭ'। ଏହି ହୃଦୟସ୍ପର୍ଶୀ ଭଜନକୁ ଗାନ କରିଥିଲେ ଅନୁପ ଜଲୋଟା। ଜଗନ୍ନାଥଙ୍କୁ ଦର୍ଶନ କରିବା ସମୟରେ ହେଉ ଅବ ସ୍ମରଣ କରିବା ବେଳେ କାନରେ ବାରମ୍ବାର ଶୁଣାଯାଏ ଅରୁଣ ମନ୍ତ୍ରୀଙ୍କ ରଚିତ ତଥା ବେଶ୍ ଲୋକପ୍ରିୟ ଏହି ଭଜନ। ଭଜନ ପାଇଁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରିଥିବା ଅନୁପ ଜଲୋଟା ଏହି ଭଜନ ପାଇଁ କଣ୍ଠଦାନ କରିଥିଲେ। ଆଜିଯାଏ ଏହି ହୃଦୟସ୍ପର୍ଶୀ ମାର୍ମିକ ଗୀତଟି କୋଟି କୋଟି ଓଡ଼ିଆ ଓ ଜଗନ୍ନାଥ ଶ୍ରଦ୍ଧାଳୁଙ୍କ ଭିତରେ ଭାବଧାରାକୁ ଜାଗରିତ କରିଥାଏ। ପ୍ରାୟ ଭଜନ ସନ୍ଧ୍ୟାରେ ଏହି ଗୀତ ଶୁଣିବାକୁ ମିଳିଥାଏ। ଅନୁପ ଗାଇଥିବା ଅନ୍ୟ କେତୋଟି ଲୋକପ୍ରିୟ ଓଡ଼ିଆ ଜଗନ୍ନାଥ ଭଜନ ମଧ୍ୟରେ ରହିଛି, 'ପାପର ମଇଳା ଚାଦର ଘୋଡ଼ି....', 'କାଳିଆ ଠାକୁର ମୋ କାଳିଆ ଠାକୁର...', 'ରାଧା ପଚାରିଲେ କହରେ ମୁରଲୀ.....' ଆଦି ଭଜନ। ଭଜନ କ୍ଷେତ୍ରରେ ନିଜର ସ୍ମରଣୀୟ ଅବଦାନ ପାଇଁ ଅନୁପଙ୍କୁ ଭଜନ ସମ୍ରାଟ ଭାବରେ ଅଭିହିତ କରାଯାଇଥାଏ। ଭଜନ ଏବଂ ଗଜଲ ଗାଇ ନିଜର ସ୍ୱାତନ୍ତ୍ର ସୃଷ୍ଟି କରିଥିବା ଏହି ବିଶିଷ୍ଟ କଣ୍ଠଶିଳ୍ପୀଙ୍କୁ ଭାରତ ସରକାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି।

'ତୋ ଆଗରେ କିଛି ଧୂପ....,' ଏହି ଆତ୍ମ ନିବେଦନଭରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନକୁ ଗାନ କରିଥିଲେ ସୋନୁ ନିଗମ। କେବଳ ହିନ୍ଦୀ ନୁହେଁ, ବଙ୍ଗଳା, କନ୍ନଡ, ଗୁଜୁରାଟୀ, ତାମିଲ, ମରାଠୀ, ତୁଲୁ, ଅସମୀୟା, ନେପାଳୀ, ଆଦି ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଗୀତ ଗାଇ ବେଶ ଲୋକପ୍ରିୟ ହୋଇଛନ୍ତି ସୋନୁ ନିଗମ। ଆଶ୍ଚର୍ଯ୍ୟର କଥା ହେଲା ଯେ ତାଙ୍କୁ ଯେତେବେଳେ ମାତ୍ର ୪ ବର୍ଷ ହୋଇଥିଲା ସେତେବେଳେ ସେ ଷ୍ଟେଜ୍‌ରେ ଗୀତ ଗାଇବା ଆରମ୍ଭ କରିଥିଲେ। ଅନେକ ହିନ୍ଦୀ ଚଳଚ୍ଚିତ୍ର ପାଇଁ କଣ୍ଠଦାନ କରିଥିବା ଏହି ଗାୟକ ମଧ୍ୟ ବେଶ କେତୋଟି ହିଟ୍ ଜଗନ୍ନାଥ ଭଜନ ଲାଗି ସ୍ୱର ଦେଇ ଅସଂଖ୍ୟ ଓଡ଼ିଆ ଶ୍ରୋତାଙ୍କୁ ପ୍ରଭାବିତ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି 'ଜନମି ଥିଲି ମୁଁ ଶ୍ରୀଗୁଣ୍ଡିଚା ଦିନ ମରିବି ମୁଁ ବାହୁଡ଼ାରେ', 'ଚନ୍ଦନ ମାଖିଲେ ଗୋରା ହୋଇଯିବ କି', 'ସୁନା ଖଡ଼ିକା ମୋ କି ହେବ କାଳିଆ' ଏବଂ 'ଆଲୋ ମିତଣି' ପରି ଭଜନ। 'ତୋ ରଥ ଟାଣୁ ଟାଣୁ.....' କୋଟି ଓଡ଼ିଆଙ୍କ ଏହି ପ୍ରିୟ ଭଜନକୁ ଗାଇଛନ୍ତି ଭାରତର ବିଶିଷ୍ଟ ସୁନାମଧନ୍ୟ କଣ୍ଠଶିଳ୍ପୀ ମହମ୍ମଦ ଅଜିଜ୍। ଅଣ ଓଡ଼ିଆ ହୋଇ ମଧ୍ୟ ଓଡ଼ିଆ ଭାଷାରେ ସେ ଜଣେ ପରିଚିତ କଣ୍ଠଶିଳ୍ପୀ ଭାବରେ ପରିଚିତ। ସେ ଗାଇଥିବା କେବଳ ଓଡ଼ିଆ ଚଳଚ୍ଚିତ୍ର ଗୀତ ନୁହେଁ ଭଜନଗୁଡ଼ିକ ଶ୍ରୋତାଙ୍କ ମନରେ ଏବେ ମଧ୍ୟ ସତେଜ ହୋଇ ରହିଛି। ତାଙ୍କ କଣ୍ଠରେ 'ଦିନରେ ସୁରୁଜ ରାତିରେ ତାରା...', 'ତୋ ରଥ ଟାଣୁ ଟାଣୁ....', 'ତୋ ବାହୁଡ଼ାରେ କାଳିଆରେ....', 'ତୋ ଭଙ୍ଗା ଦେଉଳ ଭାଙ୍ଗିଗଲା ପରେ....', 'ମୋତେ କରିଦେ କରିଦେ ନନ୍ଦ ଲାଲା...' ପରି ଭଜନ ବେଶ ଲୋକପ୍ରିୟ। ତେବେ ଅଜିଜ୍‌ଙ୍କ ପ୍ରକୃତ ନାମ ହେଲା ସୟଦ ମହମ୍ମଦ ଅଜିଜ୍। ସେ ମଧ୍ୟ ମୁନ୍ନା ଅଜିଜ୍ ଭାବରେ ପରିଚିତ। ଏହି ଗାୟକ ପ୍ରଥମେ ବଙ୍ଗଳା ଗୀତ ପାଇଁ କଣ୍ଠଦାନ କରିଥିଲେ। କଲ୍ୟାଣଜୀ ଆନନ୍ଦଜୀ, ଲକ୍ଷ୍ମୀକାନ୍ତ ପ୍ୟାରେଲାଲ, ଆର.ଡ଼ି.ବର୍ମନ, ନୌସାଦ, ଓ.ପି.ନାୟାର, ବାପି ଲାହିରି, ରାଜଶେ ରୋସନ, ଉଷା ଖାନ୍ନା, ଆନନ୍ଦ ମିଲିନ୍ଦ, ନଦିମ ଶ୍ରବଣ, ଜତିନ ଲଳିତ, ଅନୁ ମଲ୍ଲିକ ଏବଂ ଆଦେଶ ଶ୍ରୀବାସ୍ତବଙ୍କ ପରି ନାମୀ ସଙ୍ଗୀତ ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱର ହୋଇଥିବା ଗୀତ ପାଇଁ କଣ୍ଠଦାନ କରି ମହମ୍ମଦ ଅଜିଜ୍ ଭାରତରେ ମଧ୍ୟ ନିଜ ଲୋକପ୍ରିୟତାକୁ ଏବେ ମଧ୍ୟ ବଜାୟ ରଖିଛନ୍ତି।

'ସିନ୍ଦୁର ନାଉଚି ରାଧା ଆଇନା ଦେଖି....', ଏହି ଜଗନ୍ନାଥଙ୍କ ଭକ୍ତି ସମର୍ପିତ ଭଜନକୁ ଗାଇଥିଲେ ସୁରେଶ ୱାଡ଼େକର। ସୁରେଶ ୱାଡ଼େକର ଜଣେ ଅନ୍ୟତମ ଲୋକପ୍ରିୟ ଗାୟକ। କେବଳ ହିନ୍ଦୀ ନୁହେଁ, ମରାଠୀ ଏବଂ ଅନ୍ୟ ପ୍ରାନ୍ତୀୟ ଭାଷାରେ ରଚିତ ଗୀତ ପାଇଁ କଣ୍ଠଦାନ କରିଛନ୍ତି। ସେ ଗାଇଥିବା ଓଡ଼ିଆ ଗୀତର ଲୋକପ୍ରିୟତା ମଧ୍ୟ କିଛି କମ୍ ନୁହେଁ। ଓଡ଼ିଆ ଭାଷାରେ ରଚିତ ଜଗନ୍ନାଥ ଭଜନ ପାଇଁ କଣ୍ଠଦାନ କରି ସୁରେଶ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ସେ କଣ୍ଠଦାନ କରିଥିବା ହିଟ୍ ଜଗନ୍ନାଥ ଭଜନ ମଧ୍ୟରେ ରହିଛି 'ତୋ ଭକତ ତାଲିକାରୁ ମୋ ନାମଟି କାଟିଦେ....', 'ଲୋ ରାଧା ଲୋ ରାଧା....', 'ସିନ୍ଦୁର ନାଉଚି ରାଧା ଆଇନା ଦେଖି.....', 'ମୋ ଚାଳ ଛପର ଉଡିବା ପୂର୍ବରୁ....', 'ସକାଳ ପ୍ରଣାମ ଘେନ ହେ ଚକା ନୟନ...', 'ନେ ରେ କାଳିଆ ନେ...' ଆଦି ଭଜନ। 'କେରି କେରି ସୁନା ଦୁବ ଲୋ ସଜନୀ, କେରି କେରି ସୁନା ଦୁବ, ଶ୍ରୀଜଗନ୍ନାଥଙ୍କୁ ସୁମରଣ କଲେ ସବୁ ଅନୁକୂଳ ହୁଏ ଶୁଭ....' ବିଖ୍ୟାତ ଓଡ଼ିଆ ନିର୍ଦ୍ଦେଶକ ସରୋଜ ନନ୍ଦଙ୍କ ପ୍ରସ୍ତୁତିରେ ଏହି ଲୋକପ୍ରିୟ ଭକ୍ତିଭରା ଶ୍ରୀଜଗନ୍ନାଥଙ୍କ ଭଜନ ଗାଇଛନ୍ତି ବିଖ୍ୟାତ କଣ୍ଠଶିଳ୍ପୀ ଅନୁରାଧା ପୋଡ଼ୱାଲ୍। ଏହି ଲୋକପ୍ରିୟ ହୃଦୟସ୍ପର୍ଶୀ ଜଗନ୍ନାଥଙ୍କ ଭଜନ ଓଡ଼ିଶାର ଘରେ ଘରେ ତାର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିବାରେ ସମର୍ଥ ହୋଇଛି। ଏଯାବତ୍ ଏହି ଗୀତଟି ଚିର ସୁନ୍ଦର, ଚିର ସବୁଜ ପରି ଏବେ ବି ଶୁଣିଲେ ନୂଆ ନୂଆ ଲାଗେ। ଅନେକ ପାଠକ ହୁଏତ ଜାଣିନଥିବେ ଲତା ମଙ୍ଗେସକରଙ୍କ ପରେ ସଙ୍ଗୀତରେ ଡି.ଲିଟ୍ ହାସଲ କରିବାରେ ସେ ହେଉଛନ୍ତି ଦ୍ୱିତୀୟ ପ୍ରଚ୍ଛଦପଟ ଗାୟିକା। ଅନୁରାଧା ପ୍ରାୟ ୯୦୦୦ ପାଖାପାଖି ହିନ୍ଦୀଗୀତ ପାଇଁ କଣ୍ଠ ଦାନ କରିଛନ୍ତି। କେବଳ ସେତିକି ନୁହେଁ, ସହସ୍ରାଧିକ ଭଜନ ଗାଇ ସେ ନିଜକୁ ଜଣେ ଲୋକପ୍ରିୟ ଭଜନ ଗାୟିକା ଭାବରେ ଦେଶବିଦେଶରେ ପରିଚିତ କରାଇ ପାରିଛନ୍ତି। ସେ ଗାଇଥିବା ଜଗନ୍ନାଥ ଭଜନଗୁଡ଼ିକ ଏବେ ମଧ୍ୟ ଅନେକ ଶ୍ରୋତା ଗୁଣୁଗୁଣେଇ ହୋଇଥାଆନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି - 'କାଳିଆ ମୋ ଦେହେ ବୋଲିଦେ ତୋ ଦେହ କଳା....', 'କାଳିଆରେ ମନ ବୋଲି କିଛି ନାହିଁ....', 'ଆଖି ଦୁଇ ଯଦି ହବୁରେ....', 'ଏ ପାଖେ ଭାଇ ସେ ପାଖେ ଭାଇ...', 'ବରଷକ ବାର ମାସ...', 'ଛଅ ଖଣ୍ଡ କାଠରେ ହେବ ସବାରି....', 'କଳା ଠାକୁର...', 'କାଳିଆ ପାଖକୁ ଯାଇଥିଲି....' ଏବଂ 'ମୁଁ ଯେ ଲାଜରେ ଚାହିଁ ପାରୁନି ତୋ କଳା ମୁହଁକୁ....' ଆଦି ଭଜନ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କର। ପବିତ୍ର ପତିତପାବନ ବା ଘୋଷଯାତ୍ରାରେ ସମସ୍ତଙ୍କୁ କୋଳେଇ ନେବା ପାଇଁ ରତ୍ନବେଦୀରୁ ଓହ୍ଲାଇ ଥାଆନ୍ତି ଅଗଣିତ ଭକ୍ତଜନଙ୍କୁ କୃପା ପ୍ରଦାନ ପାଇଁ। କେବଳ ଓଡ଼ିଆ ନୁହଁନ୍ତି ଅନେକ ପ୍ରଥିତଯଶା ସୁନାମଧନ୍ୟ କଣ୍ଠଶିଳ୍ପୀ, ଅଗଣିତ ଶ୍ରୀଜଗନ୍ନାଥଙ୍କ ଭଜନଗାଇ ନିଜକୁ ଗୌରାବାନ୍ୱିତ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ପାଇଛନ୍ତି।

'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୯୩୭୫୮୧୭୦୭ / ୮୯୨୬୨୮୧୭୦୭

## ଓଜିବି ବି.ସି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ଜେନାପୁର,(ପି.ଏନ) ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ବ୍ୟବସାୟିକ ପ୍ରତିନିଧି ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝିଙ୍କୁ ଅତିଥି ଭବନ ଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡିଶାର କୋଣ ଅନୁକୋଣ ଜିଲ୍ଲାର ବ୍ୟାଙ୍କ୍ ବ୍ୟବସାୟିକ ପ୍ରତିନିଧିମାନେ ଆସି ବିଗତ ଦିନରେ ବିସିମାନଙ୍କ ସମସ୍ୟା ଓ ଦେଢ ବର୍ଷ ହେଲା କାର୍ଯ୍ୟରୁ ନିବୃତ ରଖିଥିବା ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ମନମୁଖି କାର୍ଯ୍ୟ ସମ୍ବନ୍ଧରେ ଏକ ମେମୋରାଣ୍ଡମ୍ ଦିଆଯାଇଥିଲା । ବ୍ୟାଙ୍କ୍ ର ଏପରି କାର୍ଯ୍ୟ ଯୋଗୁଁ ୭୩୦ ବିସିମାନଙ୍କ ଭବିଷ୍ୟତ ଅନ୍ଧକାରମୟ ସୃଷ୍ଟି ହୋଇଛି । ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଗୋଚ୍ର କରାଯାଇଥିଲା । ଏଥିରେ ଚଣ୍ଡିଖୋଲ ଆଞ୍ଚଳିକ କାର୍ଯ୍ୟାଳୟରେ ଅଧିନରେ ଥିବା ବ୍ୟବସାୟିକ ପ୍ରତିନିଧି ନିରଞ୍ଜନ ଜେନା, ନିଷ୍କାନ୍ତ ଖଟୁଆ, ସନ୍ତୋଷ ମହାଲ ଓ ଚିତରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଠାକୁରପଡା ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



ହରିଚନ୍ଦନପୁର(ପିଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଠାକୁରପଡା ଗ୍ରାମ ପଂଚାୟତରେ ସରପଂଚ ବିଜେନ୍ଦ୍ର ନାଏକ, ସମିତିସଭ୍ୟ ତ୍ରିଲୋଚନ ମହାନ୍ତ, ଜିଆରଏସ୍ ଦାଶରଥି ନାଏକ ଏବଂ ସମସ୍ତ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ କରୋନା କଟକଣାର ନିୟମକୁ ମାନି ସର୍ବମୋଟ୍ ୧୦୪ଟି କାର୍ଯ୍ୟାଦେଶ ମଧ୍ୟରୁ ୨୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି । ରହି ଯାଇଥିବା ଅନ୍ୟ କାର୍ଯ୍ୟାଦେଶ ଗୁଡିକ ପ୍ରତ୍ୟେକ ୱାର୍ଡମେମ୍ବରଙ୍କ ଦ୍ୱାରା ବଣ୍ଟନ କରାଯିବ ବୋଲି ସରପଂଚ ଏବଂ ସମିତିସଭ୍ୟ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପଂଚାୟତବାସୀ ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ ବୋଲି ପ୍ରକାଶ କରିଛନ୍ତି ।

## ବେଆଇନ ବାଲି ବୋଝେଇ ଟ୍ରକ ଜବତ୍



କେନ୍ଦୁଝର(ପିଏନ): କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଧୂର୍ପଦାରେ ଏକ ବେଆଇନ ବାଲି ବୋଝେଇ ଟ୍ରକକୁ ସଦର ତହସିଲଦାରଙ୍କ ନେତୃତ୍ୱରେ ସ୍କାର୍ଡ ଗୁରୁବାର ଦିନ ସକାଳ ୮ଟା ସମୟରେ ଜବତ୍ କରିଛି। ଆନନ୍ଦପୁର ଅ ଲରୁ ବାଲି ବୋଝେଇ ଗାଡି ବିନା ଟ୍ରାନଜିଟ ପାସରେ ଯାଉଥିବା ଖବର ପାଇ ସଦର ତହସିଲଦାର ଆଶିଷ ମହାପାତ୍ର, ସଦର ଆରଆଇ ଭୋଳେଶ୍ୱର ପାତ୍ର, ଏଆରଆଇ ମନୋଜ ମହାନ୍ତ ଏବଂ ପୋଲିସ କର୍ମଚାରୀ ଗାଡିକୁ ଜବତ୍ କରି ଟାଉନ ଥାନାକୁ ହସ୍ତାନ୍ତର କରିଥିଲେ। ପରେ ୩୦ ହଜାର ଟଙ୍କା ଫାଇନ ଦେବା ପରେ ଗାଡିଟି ଛାଡ ପାଇଥିଲା। ଆନନ୍ଦପୁର ତହସିଲରୁ ଲୁଚାଛପାରେ ନିୟମିତ ବହୁ ଗାଡି କେନ୍ଦୁଝରକୁ ଆସୁଥିବାବେଳେ ତହସିଲ ପକ୍ଷରୁ ଯା କରାଯାଉଛି। ଆଇନଗତ ଭାବେ ଉତ୍ସରୁ ବାଲି ନଆଣି ଚୋରାରେ ବାଲି ଯୋଗାଣ ହେଉଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଛି। ଲଘୁ ଖଣିଜ ଦ୍ରବ୍ୟର ଚୋରାକାରବାର ରୋକିବା ସହ ରାଜସ୍ୱ ବୃଦ୍ଧି ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଥିବା ସଦର ତହସିଲଦାର ପ୍ରକାଶ କରିଛନ୍ତି। ଚୋରୀ ହେଉଥିବା ସ୍ଥାନରେ ନୂତନ ସୌରାତ ଘୋଷଣା କରାଯାଇ ନିଲାମ ପ୍ରକ୍ରୀୟା ଶେଷ କରିବା ସହ ମାଇନିଂ ପ୍ଲାନ ଏବଂ ପରିବେଶ ମଞ୍ଜୁରୀ କାର୍ଯ୍ୟ କରାଯାଉଛି। ବେଆଇନ ଖଣିଜ କାରବାର ରୋକିବା ପାଇଁ କେନ୍ଦୁଝର ସଦର ଉପଖଣ୍ଡରେ ଓଆଇଏସଏଫ ମୃତୟନ କରାଗଲେ ଏହି କାରବାର ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ମତବ୍ୟକ୍ତ ହୋଇଛି।

## ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

ହାଟଡିହି (ପିଏନ) :କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଆସନ୍ତା ଅକ୍ଟୋବର ୧୫ ପ୍ରତିବେଶି ଦିବସ ଅବସରରେ ବିଭିନ୍ନ ସକରାତ୍ମକ ଭାବନାକୁ ନେଇ ପରିବେଶ ପ୍ରଦୂଷଣ ରୋକିବା ଓ ଅଧିକ ବୃଷ୍ଟିପାତ କରିବା ସକଳ ଭାବନାକୁ ଜାରି ରଖିଛନ୍ତି। ଏହି ଦିବସର ଗୁରୁତ୍ୱକୁ ନେଇ ବିଦ୍ୟୁତ୍ ବିଭାଗର ସିନିଅର ଡିଭିଜନ ଅଧିକାରୀ ମହେଶ୍ୱର ନାୟକ ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ପ୍ରଶିକ୍ଷକ ତଥା ଲିମ୍‌କା ବୁକ୍ ଅଫ୍ ରେକର୍ଡ ୨୦୧୮ ମସିହାରେ ପୁରସ୍କୃତ ହୋଇଥିବା ସୁପ୍ରିମ୍‌କୋର୍ଟର ଜଷ୍ଟିସ୍ ରାଧାକାନ୍ତ ତ୍ରିପାଠୀଙ୍କ ପରି ଆଉ କିଛି ଅସାଧାରଣ ଯୁବକ ରହିଥିଲେ। ଯେଉଁମାନଙ୍କ ମଧ୍ୟରେ ଶଙ୍କର୍ଷଣ ସ୍ୱାଇଁ ଯୁବ ସମାଜସେବୀ ନସିରପୁର ଓ ପ୍ରଦୀପ ଯେନା ଶାଳଣିଆଁ ଲାଇନ୍ ମ୍ୟାନ୍, ନସିରପୁର ଗ୍ରାମବାସୀ ମାନଙ୍କ ମଧ୍ୟରେ ବଳରାମ ସା, ଶ୍ରୀକାନ୍ତ ମିଶ୍ର, ରଶ୍ମିରଞ୍ଜନ ତ୍ରିପାଠୀ, ଆନନ୍ଦପୁର ଓକିଲ ସଂଘ ସଭ୍ୟ ଗୋପିନାଥ ନାୟକ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନସିରପୁର ଠାରେ ୩ ପ୍ରଜାତିର ୫ଶହ ଗଛ ଲଗାଯାଇଛି । ଆଗରୁ ପୁରା ଜିଲ୍ଲା ଏବଂ ଜିଲ୍ଲା ବାହାରେ ଗଛ ଲଗାଯିବା କଥା ପ୍ରକାଶ କରିଛନ୍ତି ପ୍ରଶିକ୍ଷକ ରାଧାକାନ୍ତ ତ୍ରିପାଠୀ।

## ନୂତନ ଡାକ ନିରୀକ୍ଷକଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା



କେନ୍ଦୁଝର(ପିଏନ)- ଦୀର୍ଘଦିନ ଧରି କେନ୍ଦୁଝର ଡାକ ବିଭାଗର ଡାକ ନିରୀକ୍ଷକ ପୂର୍ବା ଳ ପଦ ଖାଲି ପଡିଥିଲା। ଫଳରେ ପଶ୍ଚିମା ଳ ଡାକ ନିରୀକ୍ଷକଙ୍କ ଉପରେ କାର୍ଯ୍ୟ ଭାର ବହୁତ ଅଧିକ ଥିଲା। ଏଣୁ ପୂର୍ବା ଳ ସବ୍‌ଡିଭିଜନରେ କାର୍ଯ୍ୟ କରୁଥିବା ବାହୁ ଗ୍ରାମୀଣ ଡାକ ସେବକଙ୍କ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇ ଯାଇଥିଲା। ବିଳମ୍ବରେ ହେଲେ ମଧ୍ୟ ପି.ଏମ୍.ଜି. ସମ୍ବଲପୁର କେନ୍ଦୁଝର ଜିଲ୍ଲା ପୂର୍ବ ଳ ସବ୍‌ଡିଭିଜନରେ ଡାକ ନିରୀକ୍ଷକ ପୁରସ୍ତମ ନାୟକ ତାଙ୍କର କାର୍ଯ୍ୟରେ ନୂତନ ଭାବେ ଯୋଗଦାନ କରିଛନ୍ତି। ଶ୍ରୀ ନାୟକଙ୍କ ଯୋଗଦାନ ହେତୁ ଜିଲ୍ଲା ଗ୍ରାମୀଣ ଡାକ ସେବକ ସଂଘର ସମ୍ପାଦକ ସଂଜୟ କୁମାର ପଣ୍ଡା ଓ ସାଥୀ ସହସମ୍ପାଦକ ପରମାନନ୍ଦ ଦାଶ, ଲକ୍ଷ୍ମଣ କୁମାର ମହାପାତ୍ର, ବିଦ୍ୟାଧର ସିଂହ, ମହେନ୍ଦ୍ର ମହାନ୍ତ, ଋଷିନାଥ ମହାନ୍ତ ସଂଘ କାର୍ଯ୍ୟକ ୍। ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଶ୍ରୀ ପଣ୍ଡା ଗ୍ରାମୀଣ ଡାକ କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି ଗୁଡିକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ଶ୍ରୀ ନାୟକଙ୍କୁ ଅନୁରୋଧ କରିଥିଲେ। ଗ୍ରାମା ଳର ବିଭିନ୍ନ ଡାକଘରେ ନୂତନ ପ୍ରଯୁକ୍ତି ଯନ୍ତ୍ରପାତି କିପରି ସଠିକ୍ ବିନିଯୋଗ ହୋଇ ପାରିବ ଏବଂ ଜନସାଧାରଣ କିପରି ତ୍ୱରିତ ସେବା ପାଇ ପାରିବେ ସେଥିପାଇଁ ପ୍ରାଥମିକତା ଦେବାକୁ ସଂଘ ଅନୁରୋଧ କରିଥିଲା। ଡାକ ନିରୀକ୍ଷକଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଥିଲେ।

## ପ୍ରଦେଶ କଂଗ୍ରେସ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ)- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଗୋପବନ୍ଧୁ ଛକ ସ୍ଥିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଓ କଂଗ୍ରେସ ପ୍ରଭାରୀ ଡ. ଏ. ଚେଲ୍ଲାକୁମାରଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ମାନସ ଚୌଧୁରୀ, ସ୍ମୃତିରଂଜନ ଲେଙ୍କା, ଅମୀୟ ପଟ୍ଟନାୟକ, ମନୋରଞ୍ଜନ ଦାସ, ରଶ୍ମି ମହାପାତ୍ର, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ହଳଧର ସେଠୀ, ଲିଙ୍ଗରାଜ ସାହୁ, ଜ୍ୟୋତିଷ ସାହୁ, ନାରାୟଣ ଜେନା, ଦୀପକ ମହାପାତ୍ର, ପ୍ରକାଶ ମିଶ୍ର, ଶଙ୍କୁନା କହଁର, ଦେବାଶିଷ ଭୂୟାଁ, ରଜନୀ ମହାନ୍ତି, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ନରୋତମ ନାୟକ, ମହମ୍ମଦ ଶାହାଦୁଲ୍ଲା, ସାଗର ପରିଡା, ଦେବେନ୍ଦ୍ର ପ୍ରସାଦ ଦାସ, ନିରୁପମା ଜଗତ, କୁଳମଣି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି। ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି। ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ। ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି। ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି। ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି। ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି। ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆର୍‌ଇସି) କିଣାଯାଇ ପାରୁଛି। ଯାହାଦ୍ୱାରା ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି। ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି। ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ। ରିନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି। ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ। ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍‌ଉପକୃତ ହୋଇ ପାରିବେ। ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ। ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ। ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ।




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି। ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ। ତେଣୁ ସେ ଥିଲେ କ୍ରାନ୍ତିକାରୀ। ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ। ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା। ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ। ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା। ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ। ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା।

ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ। ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ। ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା। ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ। ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର।

## କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧ୍ୟାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତିଙ୍କ ଧନ୍ୟବାଦ ଜ୍ଞାପନ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ୩ ଦିନିଆ ରାଉରକେଲା ଓ ସୁନ୍ଦରଗଡ ଗସ୍ତ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ତାଙ୍କର ଏହି ଗସ୍ତ କାଳରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ତରଫରୁ ମଧ୍ୟ ସୁନ୍ଦରଗଡରେ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜଗାଙ୍ଗପୁରରେ ମଧ୍ୟ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ ସେବାଦଳ, କଂଗ୍ରେସର ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ଓବିସି ସେଲ୍, ସଂଖ୍ୟାଲଘୁ ସେଲ୍, ଲିଗାଲ ସେଲ୍, କିସାନ ସେଲ୍, ମତ୍ସ୍ୟଜୀବି ସେଲ୍, ଅସଙ୍ଗଠିତ ଶ୍ରମିକ ସେଲ୍, ଆଇଏନ୍‌ଟିୟୁସି ଇତ୍ୟାଦିର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଯେପରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତି ସୁନ୍ଦର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋନଜ କଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହିସବୁ କାର୍ଯ୍ୟକ୍ରମକୁ ଯେପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପୁଲିସ୍ ପ୍ରଶାସନ ତଥା ସହରବାସୀଙ୍କ ତରଫରୁ ବିଶେଷ ସହଯୋଗ ମିଳିଲା ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ବିଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି।

## ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥିଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.

For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday July 01, 2024 | ଭୁବନେଶ୍ୱର ମଙ୍ଗଳବାର, ଜୁଲାଇ ୦୧,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୦ ଟାଙ୍କିଆ କଏନ ଗଜପତିରେ ଅଚଳ

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା)(ପି.ଏନ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲ୍ଲାର ମୋଟ ୭ ଗୋଟି ବ୍ଲକ ମୋହନା, ଆର. ଉଦୟଗିରି, ନୂଆଗଡ, ରାୟଗଡ, ଗୋଷଣୀ, ଗୁମ୍ମା, କାଶୀନଗର ଆଦି ଅଞ୍ଚଳରେ ଚାଲୁ ନାହିଁ ଦଶଟଙ୍କିଆ କଏନ୍ । ଏଭଳି ସ୍ଥିତି ପାଇଁ ଦାୟୀ କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛିବର୍ଷ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ଦଶଟଙ୍କିଆ ଓ କୋଡ଼ିଏ ଟଙ୍କିଆ କଏନ୍ ବଜାରକୁ ଛଡ଼ାଯାଇଛି । ସବୁଠି ଏହା ଚାଲୁଥିବା ବେଳେ ପାରଳାଖେମୁଣ୍ଡି ସହରରେ କାହିଁକି ଚଳୁନାହିଁ ବୋଲି ସାଧାରଣରେ ପ୍ରଶ୍ନ କରାଯାଇ ଲୋକେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡା କହିଛନ୍ତି ଯେ, ବ୍ୟବସାୟୀଙ୍କ ଯୋଗୁଁ ହିଁ ୧୦ ଟାଙ୍କିଆ କଏନ ଗଜପତିରେ ଚଳୁନାହିଁ. ହେଲେ ଯେତେବେଳେ ବ୍ୟାଙ୍କକୁ ନେଇକି ଯାଉଛୁ, ସେତେବେଳେ ବ୍ୟାଙ୍କର କର୍ମଚାରୀମାନେ ଭିଡ଼ ମଧ୍ୟରେ କଏନ ଗଣିବା ଓ ଆକାଉଣ୍ଟରେ ଜମା ରଖିବାକୁ ସମୟ ପାଉନଥିବାରୁ ମନା କରୁଛନ୍ତି । ଫଳରେ, ଦୋକାନୀମାନେ ବି ଗ୍ରାହକଙ୍କ ଠାରୁ ବିନମୟରେ କଏନ ନେବା ପାଇଁ ପଛଘୁଞ୍ଚା ଦେଉଛନ୍ତି । ଏପଟେ, ପ୍ରତ୍ୟେକ ବ୍ୟବସାୟୀ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ କଏନ୍ ମହଜୁଦ୍ ରଖିଛନ୍ତି, ତାକୁ ସାରିବାକୁ କଷ୍ଟ ହେଉଛି । ବ୍ୟାଙ୍କ ଗ୍ରହଣ କଲେ ଆମେ ମଧ୍ୟ କଏନ୍ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ଏଣୁ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କଏନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦିଅନ୍ତୁ । ଫଳରେ, ସାଧାରଣ ଲୋକ ମଧ୍ୟ ବଜାରରେ ଏହାକୁ ପୂର୍ଣ୍ଣ ମାତ୍ରାରେ ବ୍ୟବହାର କରିପାରିବେ ଏବଂ କାହାରି କିଛି ଅସୁବିଧା ହେବ ନାହିଁ । ତେଣୁ, ପ୍ରଥମେ ବ୍ୟାଙ୍କ ଗ୍ରହଣ କରୁ, ତାପରେ ଦୋକାନୀ ଗ୍ରହଣ କରିବେ ବୋଲି ମତପ୍ରକାଶ ପାଇଛି ।

## ଯୁକ୍ତ ୩ ନାମଲେଖା ଆରମ୍ଭ, ପ୍ରଥମ ଦିନରେ ନାମ ଲେଖାଇଲେ ୪୧ ଛାତ୍ରଛାତ୍ରୀ




ଧର୍ମଶାଳା, (ପିଏନ୍): ଉଚ୍ଚ ଶିକ୍ଷା ବିଭାଗ ଦ୍ୱାର ପରିଚାଳିତ ଯୁକ୍ତ ୩ ଡିଗ୍ରୀ କଲେଜ ଗୁଡିକରେ ଆଜି ଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗତକାଲି ଠାରୁ କଟଅଫ୍ ମାର୍କ ପ୍ରକାଶ ପାଇଥିଲା । ଧର୍ମଶାଳା ବ୍ଲକର ୫ଟି କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖାଇବା ପାଇଁ ୨୪୭ଜଣ ଛାତ୍ରଛାତ୍ରୀଙ୍କୁ ଅନଲାଇନରେ ସୂଚନା ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଆଜି ୪୧ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଧର୍ମଶାଳା ଡିଗ୍ରୀ କଲେଜରେ କଳାରେ ୪୧ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୧୪ଜଣ ନାମ ଲେଖାଇଛନ୍ତି । ଏହି କଲେଜରେ ବିଜ୍ଞାନରେ ୨୫ ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ଜଣେ ଓ ବାଣ୍ୟିଜ୍ୟରେ ୧୫ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୭ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ କଳାରେ ୩୫ ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ଓ ବିଜ୍ଞାନରେ ୨୫ ଜଣଙ୍କ ମଧ୍ୟରୁ ୩ ଜଣ ଛତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଜଗନ୍ନାଥ ଜୀୟୁ ଡିଗ୍ରୀ କଲେଜରେ କଳାରେ ୫୨ ଜଣଙ୍କୁ ନାମଲେଖା ପାଇଁ ସୂଚନା ରହିଥିବା ବେଳେ ଏଠାରେ ଆଜି କୌଣସି ଛାତ୍ରଛାତ୍ରୀ ନାମ ଲେଖାଇ ନାହାଁନ୍ତି । ସେହିପରି ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ ୨୧ ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୮ ଜଣ ଛାତ୍ରୀ ନାମ ଲେଖାଇଛନ୍ତି । ଯେନାପୁର ଡିଗ୍ରୀ କଲେଜରେ କଳାରେ ୩୩ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ମାତ୍ର ୪ ଜଣ ନାମ ଲେଖାଇଛନ୍ତି । ଧର୍ମଶାଳା ବ୍ଲକର ଉପରୋକ୍ତ ୫ ଟି ଡିଗ୍ରୀ କଲେଜରେ କଳାରେ ୧୮୨ଜଣ ଛାତ୍ର ଛାତ୍ରୀଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କୁ ମଧ୍ୟରୁ ୩୦ ଜଣ, ବିଜ୍ଞାନରେ ୫୦ ମଧ୍ୟରୁ ୪ଜଣ ଓ ବାଣିଜ୍ୟରେ ୧୫ ଜଣଙ୍କ ମଧ୍ୟରୁ ୭ ଜଣ ମୋଟ ୪୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ସମ୍ପୃକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭଦ୍ରକ,(ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ଆନୁକୂଲ୍ୟରେ ଭଦ୍ରକ ବ୍ଲକର ଆମ୍ଭୋଳି ପଞ୍ଚାୟତରେ ମକରେଶ୍ୱର ନୋଡ଼ାଲ ସ୍କୁଲ ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଜଜ୍ କୋର୍ଟର ବିଗ୍ ?ରପତି ବୃନ୍ଦ ଯୋଗଦେଇ ବୃକ୍ଷରୋପଣ କରି ପରିବେଶକୁ ସବୁଜମୟ କରିବା ପାଇଁ ବାର୍ତ୍ତା ଦେଇଥିଲେ । ନେହା ଅଗ୍ରୱାଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ।ସଚ୍ଚିବ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଷ୍ଳନା କରିବା ସଂଗେ ସଂଗେ ସମସ୍ତେ ବୃକ୍ଷଟିଏ ଲଗାଇ ତା'ର ଯତ୍ନ ନେବାକୁ ଏହି କାର୍ଯ୍ୟକ୍ରମ ମାଧମରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ଅଧିକାରୀ, ପୋଲିସ୍ ବିଭାଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଅନ୍ୟ ଶିକ୍ଷକ, ପ୍ୟାନେଲ ଓକିଲ୍ ଗଣ, ଏଲ.ଏ.ଡ଼ି.ଏସ୍ ବିଭାଗର ଓକିଲ ବୃନ୍ଦ ତଥା ଜିଲ୍ଲା ଆଇନ ସେବା ପ୍ରାଧ ?କରଣର ସମସ୍ତ କର୍ମସ୍ଥରାଗଣ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ୪୬ତମ ରାଜ୍ୟ ସ୍ତରୀୟ ଅହମଦୀୟା ଯୁବ ସଂଗଠନର ବାର୍ଷିକ ଇଜତେମା ଉଦଘାଟିତ



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ମହମୁଦାବାଦ ମସଜିଦ ପରିସରରେ ଅଲ୍-ଓଡ଼ିଶା ଅହମଦୀୟା ଯୁବ ସଂଗଠନ ମଜଲିସ ଖୁଦାମୁଲ ଓ ଅତଫାଲୁଲ ଅହମଦୀୟାର ୪୬ ତମ ଜିଲ୍ଲା ସ୍ତରୀୟ ବାର୍ଷିକ ଇଜତେମା ଉଦଘାଟିତ ହୋଇଛି । ଏହି ଉଦଘାଟନୀ ଉତ୍ସବରେ ଅଖିଳ ଭାରତ ଅହମଦୀୟା ଯୁବ ସଂଗଠନର ସଭାପତି ମୌଲାନା ଶମିମ ଅହମଦ ଘୋରୀ ପୌରୋହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ଅତାଉଲ ଶାଫି କରିଥିବା ବେଳେ ଯୁବ ସଂଗଠନର ଶପଥ ପାଠ ସଭାପତି କରାଇଥିଲେ । ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ଶହୀଦମାନଙ୍କ ସ୍ମୃତିରେ ଇସହାକ ଅଲ୍ଲି ଉର୍ଦ୍ଦୁ ନଜମ ପଢି ଶୁଣାଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ସଭାପତି ଅମିରୁଦ୍ଦିନ ଖାଁ ଏବଂ ଜିଲ୍ଲା କଟକର ସଭାପତି ଅବ୍ଦୁଲ ମାଲିକ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୌଲାନା ପ୍ରଭାରୀ ମିର ଅବ୍ଦୁଲ ହଫିଜ, ଇଷ୍ଟ ଇଣ୍ଡିଆ ଅହମଦୀୟା ଯୁବ ସଂଗଠନର ଉପସଭାପତି ସୟଦ ଅକିଲ ଅହମଦ, ବାଲେଶ୍ୱର ଜିଲ୍ଲା ଯୁବ ସଂଗଠନର ସଭାପତି ସିଦ୍ଦିକ ଖାଁ, ଭଦ୍ରକ ଜିଲ୍ଲା ଯୁବ ସଂଗଠନର ସଭାପତି ସୁଲତାନ ଅହମଦ, କଟକ ଜିଲ୍ଲା ଯୁବ ସଂଗଠନର ସଭାପତି ମହମ୍ମଦ ଶଫାକତ ଅଲ୍ଲି, ଖୋର୍ଦ୍ଧ ଓ ନୟାଗଡ଼ ଜିଲ୍ଲା ଯୁବ ସଂଗଠନର ସଭାପତି ତବରେଜ ଅହମଦ ତଥା ପୂର୍ବତନ ଯୁବ ସଂଗଠନର ସଭାପତି ଅଜିଜୁଲ୍ଲା ଖାଁ ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ସଭାପତିତ୍ୱ ଭାଷଣରେ ମୌଲାନା ଶମିମ ଅହମଦ ଘୋରୀ କହିଲେ, ଯୁବ ଶକ୍ତି ଦେଶ ଓ ସମାଜର ସର୍ବବୃହତ ଶକ୍ତି । ଯୁବ ସୁଧାରରେ ହିଁ ସମାଜ ସୁଧାର ସମ୍ଭବ । ଶିକ୍ଷା ଓ ଜ୍ଞାନ ଆହରଣ ସହ ସଂସ୍କାର ଓ ଶିଷ୍ଟାଚାର ସିଖିବା ନିହାତି ଆବଶ୍ୟକ । ଧୈର୍ଯ୍ୟ,ସହନଶିଳତା,ସରଳତା, ସକାରତ୍ମକତା,ସଂଯମତା ତଥା ସମନ୍ୱୟତାର ଚରିତ୍ର ଗଠନ କରିବା ପାଇଁ ଅହମଦୀୟା ଯୁବ ସମାଜକୁ ସେ ଆହ୍ୱାନ ଦେଇଥିଲେ ।

## ଏଚ୍‌ଡିଏଫସି ବ୍ୟାଙ୍କ ପକ୍ଷରୁ ଠକେଇ ସଚେତନତା

ଭୁବନେଶ୍ୱର,୧।୭(ପି.ଏନ): ଦେଶର ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫସି ବ୍ୟାଙ୍କ ପକ୍ଷରୁ ଏହାର କର୍ମଚାରୀଙ୍କ ଲାଗି ଭର୍ଚୁଆଲ ଠକେଇ ସଚେତନତା ଅଭିଯାନ ହାତକୁ ନିଆଯାଇଛି । ସୁରକ୍ଷିତ ବ୍ୟାଙ୍କିଙ୍ଗ ନେଇ ସଚେତନତା ଅଧିନରେ ଏଭଳି ଏକ ପଦକ୍ଷେପ ବ୍ୟାଙ୍କ ଗ୍ରହଣ କରିଛି । ଆଭାସୀ ମାଧ୍ୟମରେ ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲା ବ୍ୟାଙ୍କ । ଠକେଇର ବିଭିନ୍ନ ତରିକା ନେଇ କର୍ମଚାରୀଙ୍କୁ ଅବଗତ କରାଯିବା ସହ ଏହାକୁ କିଭଳି ପ୍ରତିରୋଧ କରିହେବ ସେ ନେଇ ମଧ୍ୟ କୌଶଳ ସମ୍ପର୍କରେ ବତାଯାଇଥିଲା । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇପିଏସ୍ ଡି.ଶିବନନ୍ଦନ ଏହି ଅବସରରେ କର୍ମଚାରୀଙ୍କୁ ଠକେଇ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ ।ଏହି ଅବସରରେ ବ୍ୟାଙ୍କର କ୍ରେଡିଟ ଇଣ୍ଟେଲିଜେନ୍ସ ଆଣ୍ଡ କଣ୍ଟ୍ରୋଲର କାର୍ଯ୍ୟନିର୍ବାହୀ ଉପସଭାପତି ସୁଦର୍ଶନ ଏମ୍ କହିଛନ୍ତି, ବିଭିନ୍ନ ପ୍ରକାର ଠକେଇ ବିରୋଧରେ ବିରୋଧରେ କର୍ମଚାରୀଙ୍କୁ ସଚେତନ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଆର୍ଥିକ ବର୍ଷ ୨୦୨୩-୨୪ରେ ବ୍ୟାଙ୍କ ଏଭଳି ୧୬ ହଜାର ଆଭାସୀ କାର୍ଯ୍ୟକ୍ରମ ହାତକୁ ନେଇଛି । ଏହା ଦ୍ୱାରା ୨ ଲକ୍ଷ ଲୋକଙ୍କୁ ସଚେତନ କରାଯାଇଛି ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୧୧୧ତମ 'ମନ୍ କି ବାତ୍ ?' କାର୍ଯ୍ୟକ୍ରମ



ଭୁବନେଶ୍ୱର, (ପି.ଏନ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ "ମନ୍ କି ବାତ୍ ?" ରେଡିଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସେ ତାଙ୍କ ୧୧୧ ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସେ ଦେଶବାସୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଭୁବନେଶ୍ୱରର ୟୁନିଟ୍ ?-୩ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନମନ୍ତ୍ରୀଙ୍କ "ମନ୍ କି ବାତ କାର୍ଯ୍ୟକ୍ରମ"କୁ ବିଜେପିର ରାଜ୍ୟ ନେତୃମଣ୍ଡଳୀ ଶୁଣିଥିଲେ । ଦେଶବାସୀ ଗତ ଫେବୃୟାରୀରୁ ଏହି କାର୍ଯ୍ୟକ୍ରମକୁ ଅପେକ୍ଷା କରିଥିଲେ । ଆଜିର "ମନ୍ କି ବାତ୍ ?" କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଓଡିଶାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମ୍ପର୍କରେ କହିଛନ୍ତି । ସେ କହିଛନ୍ତି, ଆସନ୍ତା ସପ୍ତାହରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏନେଇ ଦେଶବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛନ୍ତି । ଏଥିସହ ନମୋ ଆପ୍ କିମ୍ବା ୧୮୦୦୧୧୭୮୦୦ରେ ମେସେଜ୍ କରି ତାଙ୍କ ରେଡିଓ ପ୍ରସାରଣ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ଦେବାକୁ ଲୋକଙ୍କୁ ଆହ୍ୱାନ ଦେଇଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ପ୍ରଥମଥର ପାଇଁ ମାସିକ 'ମନ କି ବାତ୍ ?' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାଧ୍ୟମରେ ସେ ଦେଶବାସୀଙ୍କୁ ସମ୍ବୋଧନ କରିଥାନ୍ତି । ଏଥିରେ ଶ୍ରୀ ମୋଦି ଯେଉଁ ଭଳି ଭାବେ ସାଧାରଣ ଦେଶବାସୀଙ୍କ ମନର କଥାକୁ ବାଖ୍ୟା କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ କହିଛନ୍ତି । ଶ୍ରୀ ସାମଲ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଲୋକପ୍ରିୟତା ଦେଶ ତଥା ସାରା ବିଶ୍ୱରେ ରହିଛି । ଜଣେ ସାଧାରଣ ଲୋକଟି ନିଜର ଅସାଧାରଣ କାର୍ଯ୍ୟ ପାଇଁ ସମାଜରେ ବିଶେଷ ସ୍ଥାନ ଅର୍ଜନ କରିବା ସହିତ ନିଜ ଅଂଚଳ ତଥା ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥାଏ । ଏଭଳି ମହାନ ବ୍ୟକ୍ତିତ୍ୱଙ୍କୁ ଲୋକଲୋଚନକୁ ଆଣିବାରେ 'ପ୍ରଧାନମନ୍ତ୍ରୀ ମନ୍ କି ବାତ୍ ?' କାର୍ଯ୍ୟକ୍ରମ ଏକ ବଡ ମାଧ୍ୟମ ପାଲଟିଛି । ପ୍ରଧାନମନ୍ତ୍ରୀ ସର୍ବାଦା ଓଡିଶାର କଳା, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ଗୁରୁତ୍ୱ ଦେଇଛନ୍ତି । ସେ ରଥଯାତ୍ରାର ମହାନ୍ ସଂସ୍କୃତିକୁ ମନ୍ କି ବାତ୍ କାର୍ଯ୍ୟକ୍ରମରେ କହି କୋଟି ଓଡିଆଙ୍କ ହୃଦୟ ଜିଣିଛନ୍ତି । ଏହି ଅବସରରେ ବିଜେପିର ନବନିର୍ବାଚିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୁଏଲ ଓରାମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ପ୍ରଭାତି ପରିଡାଙ୍କ ସମେତ ସମସ୍ତ ବିଧାୟକ, ସାଂସଦ, ମନ୍ତ୍ରୀମଣ୍ଡଳ ସଦସ୍ୟ, ଲୋକସଭା ଓ ରାଜ୍ୟସଭା ସଦସ୍ୟ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବସନ୍ତ ପଣ୍ଡା, ଗଣମାଧ୍ୟମ ପ୍ରତିନିଧି ଓ ବିଜେପିର ଅନ୍ୟ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ ।


ADMISSION OPEN

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray